ବର୍ଷ-୨୫, ସଂଖ୍ୟା-୨୬
ଭୁବନେଶ୍ୱର
୨୬, ଜାନୁଆରୀ, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 26
Bhubaneswar
26 January, 2025, Sunday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

# ମହାଭାରତ

Mahabharat

## ଛୁଟି ଘୋଷଣା

ସାଧାରଣତନ୍ତ୍ର ଦିବସ ଅବସରରେ ଦୈନିକ 'ମହାଭାରତ' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଛି । ତେଣୁ ଏହାର ପରବର୍ତ୍ତୀ ସଂସ୍କରଣ ୨୮ ତାରିଖରେ ପ୍ରକାଶ ପାଇବ ।

- ପରିଚାଳକ

DSPL-357

ODISHA
NEW OPPORTUNITIES

CII
Confederation of Indian Industry

# MAKE IT VIKSIT

## Unlock Odisha's Potential for Unprecedented Growth

Discover the new eastern powerhouse of growth - **Utkarsh Odisha - Make in Odisha Conclave 2025**. With its rich heritage, skilled workforce, pro-industry policies and a favourable micro-climate. Join the bandwagon to be part of this unstoppable juggernaut of sustained economic boom.



Shri Narendra Modi
Prime Minister

Shri Mohan Charan Majhi
Chief Minister, Odisha

*"As we aim for Viksit Bharat 2047, Odisha will play a pivotal role in driving this ambition forward. Its investor- friendly policies and strategic location make it the anchor for our Purvodaya Vision."*

### Attend Engaging Sectoral Sessions

- Chemicals, Petrochemicals And Plastics
- Healthcare, Pharma & Biotechnology
- Renewable Energy & Equipment
- Agri Industry & Food Processing
- Mining & Metallurgy
- IT / ITeS And Electronics
- Textiles And Apparel
- Tourism Development




### Join The Incubation, Skilling And Start-up Ecosystem With:

Start-up Odisha
Women Entrepreneurship enable by SUBHADRA
Countries-of-Focus Session
Skilled in Odisha

**BECOME A PART OF THE "VIKSIT ODISHA 2036" JOURNEY**

**INVEST IN ODISHA, INVEST IN FUTURE**

REGISTER NOW

Scan to Register

Networking Opportunities -B2G MEETINGS
Gala Cultural Events
6 Thematic Sessions
Grand Make In Odisha Expo
12 Sectoral Sessions
Vision Viksit Odisha 2036 Showcase

Visit us at https://mio.investodisha.gov.in

OIPR : 14005/13/0039/2425

# କୋବି ପରଟା

ଆସନ୍ତୁ ଜାଣିବା କିପରି ଭିନ୍ନ ଅନ୍ଦାଜରେ ପ୍ରସ୍ତୁତ କରିବା କୋବି ପରଟା ।

ଆବଶ୍ୟକୀୟ ସାମଗ୍ରୀ: ଅଟା-୨୫୦ ଗ୍ରାମ, ତେଲ -୨ଚାମଚ, ଲୁଣ-ସ୍ୱାଦ ଅନୁସାରେ, କୋବି-୧ଟି ଛୋଟ ଛୋଟ କଟାଯାଇଥିବା, ୬- ହଳଦୀ, ୭- ଧନିଆ ପାଉଡର, ୮- ଜିରା ବା ଜୁଆଣୀ, ୯- ଧନିଆ ପତ୍ର, ୧୦- ଆମଚୁର ପାଉଡର

ପ୍ରସ୍ତୁତ ପ୍ରଣାଳୀ

ଏଗୁଡିକୁ ଭଲ ଭାବେ ମିଶାଇ ଏକ ଅଟା ଚକଟା ପ୍ରସ୍ତୁତ କରନ୍ତୁ । ଚକଟିବା ପରେ ୨୦ରୁ ୩୦ ମିନିଟ ପାଇଁ ଛାଡି ଦିଅନ୍ତୁ । ଏବେ ବନ୍ଧା କୋବିରୁ ଉପର ତ୍ୱଚାକୁ ବାହାର କରି ଦିଅନ୍ତୁ । ଏବେ ୫ରୁ୧୦ ମିନିଟ ଗରମ ପାରିରେ ପକାନ୍ତୁ । ଏବେ ଏକ ପ୍ୟାନ ଗରମ କରି ସେଥିରେ ଏକ ଚାମଚ ତେଲ ଦିଅନ୍ତୁ । ଏବେ ସେଥିରେ ଛୋଟ ଚାମଚ କରି ସେଥିରେ ଛୋଟ ଚାମଚ ଜୁଆଣୀ ବା ଜିରା ଫୁଟାନ୍ତୁ ।




ପରଦା ଖବର

# ବିବାହକୁ ୧୦ବର୍ଷ ପୁରିବା ପରେ ସ୍ୱାମୀଙ୍କ ପାଇଁ ସୋହା କଲେ ଏଭଳି ପୋଷ୍ଟ



ବଲିଉଡ କଳାକାର ସୋହା ଅଲୀ ଖାନ ଏବଂ କୁନାଲ ଖେମୁ ବଲିଉଡର ସବୁଠାରୁ ପ୍ରିୟ ଯୋଡ଼ି ମଧ୍ୟରୁ ଜଣେ। ଏହି ଯୋଡ଼ି ସବୁବେଳେ ପରସ୍ପର ଉପରେ ପ୍ରେମ ବର୍ଷା କରୁଥିବାର ଦେଖାଯାଏ। ପ୍ରଶଂସକମାନେ ମଧ ଏହି ଯୋଡ଼ିକୁ ବହୁତ ପସନ୍ଦ କରନ୍ତି। ସୋହା ଅଲୀ ଖାନ ଏବଂ କୁନାଲ ଖେମୁ ଆଜି ସେମାନଙ୍କର ୧୦ମ ବିବାହ ବାର୍ଷିକୀ ପାଳନ କରୁଛନ୍ତି। ଏହି ସ୍ୱତନ୍ତ୍ର ଦିନରେ, ସୋହା ତାଙ୍କ ସ୍ୱାମୀ କୁନାଲଙ୍କୁ ସ୍ୱତନ୍ତ୍ର ଭାବେ ବିବାହ ବାର୍ଷିକୀର ଶୁଭେଚ୍ଛା ଜଣାଇଛନ୍ତି। ସୋହା ଅଲି ଖାନ ଇନଷ୍ଟାରେ କୁନାଲ ଖେମୁଙ୍କ ସହିତ ତାଙ୍କର ୧୦ ବର୍ଷ ବିବାହ ଯାତ୍ରାର ଖୁସିକୁ ପାଳନ କରି ଏକ ହୃଦୟସ୍ପର୍ଶୀ ଭିଡିଓ ସେୟାର କରିଛନ୍ତି। ଭିଡିଓରେ ସୋହା, କୁନାଲଙ୍କ ସହ ବିତାଇଥିବା ସ୍ମରଣୀୟ ମୁହୂର୍ତ୍ତଗୁଡ଼ିକ ଥିବା ଦେଖାଯାଇଛି। ଭିଡିଓ ଆରମ୍ଭରୁ ସେମାନଙ୍କର ନିକାହ(ବିବାହ)ର ଭିଡିଓ ଥିବା ବେଳେ ପରେ ସେମାନେ ପରସ୍ପରକୁ ଆଲିଙ୍ଗନ କରିବାର, ପାର୍ଟିରେ ଯୋଗଦେବାର, ସାଧାରଣ ପୋଷାକ ପିନ୍ଧି ଆରାମ କରିବାର ଏବଂ ଛୁଟି ଉପଭୋଗ କରିବାର ଅନେକ ଫଟୋ ଓ ଭିଡିଓ ରହିଛି। ଏହି ସୁନ୍ଦର ଭିଡିଓ ସହିତ, ସୋହା ତାଙ୍କ ସ୍ୱାମୀ କୁନାଲଙ୍କ ପାଇଁ ଏକ ସୁନ୍ଦର ବାର୍ତ୍ତା ମଧ ଲେଖିଛନ୍ତି। ଦଶ ବର୍ଷ ପରେ। ମୁଁ ଏବେ ବି ଭଲପାଉଛି ଏବଂ ମୁଁ ସବୁବେଳେ ଭଲପାଇବି ବୋଲି ଲେଖିଛନ୍ତି ସୋହା। ସୋହାଙ୍କ ଏହି ଭିଡିଓ ପରେ ତାଙ୍କ ପ୍ରଶଂସକ ଓ ବନ୍ଧୁ ତାଙ୍କୁ ଶୁଭେଚ୍ଛା ଜଣାଇଥିବା ଦେଖାଯାଇଛି।

## କେଶ ଝଡ଼ା ସମସ୍ୟାରୁ ପାଆନ୍ତୁ ମୁକ୍ତି




କେଶ ଝଡିବା ଏକ ସାଧାରଣ କଥା । କେତେକ ଲୋକଙ୍କ ପାଇଁ ଗରମ ପାଣି ସମସ୍ୟା ହୋଇଥାଏ ତ ଆଉ କାହା ପାଇଁ ରୁପି ସମସ୍ୟା । ଆଉ କାହାର କେଶ ମୂଳ ଦୁର୍ବଳ ହୋଇ କେଶ ଝଡିଥାଏ । ସମସ୍ୟା ଯାହା ହେଉନା କାହିଁକି ଏମିତି କିଛି ଟିପ୍ସ ରହିଛି, ଯାହା ତ୍ୱଚା କେଶ ଝଡିବାକୁ ରୋକିପାରିବେ ।

ଶୀତରେ କେଶ ଝଡିବାର କାରଣ ହେଉଛି କେଶ ଠିକ୍ ଭାବେ କଣ୍ଡିସନିଂ ହୋଇପାରେନି ଓ ମାତ୍ରାଧିକ ଶୁଷ୍କ ହୋଇପଡେ ।

ଅଲିଭ୍ ଅଏଲ୍‌ରେ ପ୍ରି-କଣ୍ଡିସନିଂ: କେଶ ଝଡିବା ରୋକିବା ପାଇଁ ହେଲେ ସାମ୍ପୁ କରିବା ପୂର୍ବରୁ ଅଲିଭ୍ ଅଏଲ୍‌ରେ ହାଲ୍‌କା ମସାଜ୍ କରନ୍ତୁ । ଯଦି ସମ୍ଭବ ଏହି ତେଲକୁ ହାଲ୍‌କା ଉଷୁମ କରି ବ୍ୟବହାର କରିପାରିବେ ।

ସାମ୍ପୁ ନିଶ୍ଚୟ କରନ୍ତୁ: ସାମ୍ପୁ ନିଶ୍ଚୟ କରନ୍ତୁ ଶୀତ ଦିନେ ପ୍ରାୟ ଲୋକ ସାମ୍ପୁ କରିବାକୁ ଡରିଥାନ୍ତି । କିନ୍ତୁ ସାମ୍ପୁ ନିଶ୍ଚୟ କରନ୍ତୁ । ଫଳରେ କେଶ ମୂଳ ସଫା ରହିବା ସହ ସଂକ୍ରମଣ ଦୂର ହୋଇଥାଏ । ଫଳରେ କେଶ ଝଡିବା କମ୍ ହେବ । କେଶ ବିନ୍ୟାସ ପ୍ରତି ଧ୍ୟାନ ଦିଅନ୍ତୁ, ମୁଣ୍ଡ କୁଣ୍ଡାଇ ବିଭିନ୍ନ ଷ୍ଟାଇଲ୍ କରିବା ? ମାତ୍ରାଧିକ କେଶ ବିନ୍ୟାସ କରନ୍ତୁ ନାହିଁ । ଷ୍ଟ୍ରେଟନିଂ, ପର୍ମିଂ ଓ କଲରିଂ କରିବା ଦ୍ୱାରା କେଶ ମୂଳ ନଷ୍ଟ ହୋଇଥାଏ । ଯଦି ଏପରି କିଛି କରିବାର ଥାଏ, ତେବେ ପ୍ରଫେସନାଲ୍ ପାର୍ଲରରେ କରନ୍ତୁ । ଏସବୁ କରିବା ଦ୍ୱାରା କେଶ ଦୁର୍ବଳ ହେବା ସହ ମାତ୍ରାଧିକ ଝଡିଥାଏ ।

# କୋଲେଷ୍ଟର କମ୍ କରେ ନାସପାତି



ଆପଣମାନେ ହୁଏତ ପ୍ରତିଦିନ ସେଓ ଖାଉଥିବେ । କିନ୍ତୁ ପ୍ରତିଦିନ ନାସପାତି ଖାଉଥିବା ଲୋକ ଖୁବ୍ କମ୍ । ସେଓ ଭଳି ଆଉ ଏକ ଫଳ ହେଉଛି ନାସପାତି । ଏଥିରେ ବିଭିନ୍‌ନ ପ୍ରକାର ପୋଷକ ତତ୍ତ୍ୱ ରହିଥାଏ । କିନ୍ତୁ କ'ଣ ଆପଣ ଜାଣନ୍ତି କି, ନାସପାତି ଖାଇବା ଅନ୍ୟ ଫଳ ତୁଳନାରେ ଅଧିକ ଫାଇଦା ରହିଥାଏ । ଆସନ୍ତୁ ଜାଣିବା କ'ଣ ରହିଛି ନାସପାତିର ଫାଇଦା...

ନାସପାତିର ଭରପୂର ମାତ୍ରାରେ ଫାଇବର ରହିଥାଏ । ଫାଇବର ଯୋଗୁଁ ପାଚନ ତନ୍ତ୍ର ମଜବୁତ ହୋଇଥାଏ । ନାସପାତିରେ ଥିବା ପୋକଟିନ ନାମକ ତତ୍ତ୍ୱ କୋଷ୍ଠକାଠିନ୍ୟ ସମସ୍ୟା ପାଇଁଞ୍ଚ ରାମବାଣ ହୋଇଥାଏ ।

ନାସପାତି ଚୋପାର ମଧ୍ୟ ଅନେକ ଫାଇଦା ରହିଥାଏ । ଏହାର ଚୋପାରେ ୩-୪ ଗୁଣା ଅଧିକ ଫାଇଟୋନ୍ୟୁଟ୍ରିଏଣ୍ଟସ୍ ରହିଥାଏ । ଯାହା ଶରୀରର ଇମ୍ୟୁନିଟ୍ ବଢାଇଥାଏ । ଏହାକୁ ଖାଇବା ଦ୍ୱାରା କ୍ୟାନସର ଏବଂ ହୃଦ ସମ୍ବନ୍ଧୀୟ ରୋଗ ଆଶଙ୍କା କମ୍ ହୋଇଥାଏ ।


ନାସ ପାତିରେ ପ୍ରଚୁର ମାତ୍ରାରେ ଆଇରନ ରହିଥାଏ । ଯାହା ହିମୋଗ୍ଲୋବିନର ସ୍ତର ବଢାଇଥାଏ । ଏନିମିୟା ଗ୍ରସ୍ତ ରୋଗୀଙ୍କୁ ସୁରକ୍ଷା ଦେଇଥାଏ ନାସପାତି ।

ନାସପାତିରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଭିଟାମିନର ଉଚିତ ମାତ୍ରା ରହିଛି, ଯାହା ରୋଗ ପ୍ରତିରକ୍ଷା ପ୍ରଣାଳୀକୁ ସୁଧାରିଥାଏ ଏବଂ ବିଭିନ୍ନ ରୋଗ ସହିତ ଲଢିବା ପାଇଁ ଶକ୍ତି ଯୋଗାଇଥାଏ ।

ନାସପାତିରେ ପୋକଟିନ୍ ରହିଛି, ଯାହା କୋଲେଷ୍ଟ୍ରଲକୁ କମ୍ କରିବାରେ ସହାୟକ ହୋଇଥାଏ ।

ଯଦି ଆପଣଙ୍କୁ ଭୋକ ବାରମ୍ବାର ଲାଗୁଛି, ତେବେ ନାସପାତି ଖାଆନ୍ତୁ । ଏଥିରେ ଥିବା ଫାଇବର ଆପଣଙ୍କ ପେଟକୁ ଅଧିକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖେ । ଫାଇବର ଛଡା ଏଥିରେ ଭିଟାମିନ ସି, ଆଇରନ ଏବଂ ମ୍ୟାଗ୍ନେସିୟମ ଭରପୂର ମାତ୍ରାରେ ରହିଥାଏ ।

# ରାଜା ପରୀକ୍ଷିତଙ୍କର ହୋଇଥିଲା ପୁନର୍ଜନ୍ମ




ମହାଭାରତର ଅଶ୍ୱମେଧ ପର୍ବ ଅନୁଯାୟୀ, ବିରାଟ ରାଜାଙ୍କ ପୁତ୍ରୀ ଥିଲେ ଉତ୍ତରା। ପାଣ୍ଡବମାନେ ଅଜ୍ଞାତବାସ କରିବା ସମୟରେ ଅର୍ଜୁନ ବୃହନ୍ନଳା ରୂପରେ ଅଜ୍ଞାତବାସ କାଟୁଥିଲେ । ଉତ୍ତରାଙ୍କୁ ବୃହନ୍ନଳା ନୃତ୍ୟ, ସଂଗୀତ ଆଦି ଶିକ୍ଷା ଦେଉଥିଲେ । କୌରବମାନେ ବିରାଟ ରାଜାଙ୍କ ଗାଈ ଚୋରାଇ ନେଲେ । ସେ ସମୟରେ ଅର୍ଜୁନ କୌରବଙ୍କ ସହ ଯୁଦ୍ଧ କରି ଅପୂର୍ବ ପରାକ୍ରମ ଦେଖାଇଥିଲେ ଏବଂ ଗାଈ ଫେରାଇ ଆଣିଥିଲେ । ଅର୍ଜୁନଙ୍କ ଏହି ବୀରତ୍ୱ ଦେଖି ରାଜା ବିରାଟ ନିଜ ପୁତ୍ରୀ ଉତ୍ତରାଙ୍କ ସହ ତାଙ୍କର ବିବାହ କରିବାକୁ ପ୍ରସ୍ତାବ ଦେଲେ । ମାତ୍ର ଉତ୍ତରାଙ୍କୁ ଶିକ୍ଷା ଦେଉଥିବାରୁ ସେ ତାଙ୍କର କନ୍ୟା ସମାନ ଥିଲେ । ଏହି ଦୃଷ୍ଟିରୁ ଅର୍ଜୁନ ତାଙ୍କୁ ବିବାହ କରିବା ଲାଗି ମନା କରିଦେଲେ । ଶେଷରେ ଉତ୍ତରାଙ୍କୁ ଅର୍ଜୁନ ଏବଂ ସୁଭଦ୍ରାଙ୍କ ପୁତ୍ର ଅଭିମନ୍ୟୁ ବିବାହ କରିଥିଲେ । ମହାଭାରତ ଯୁଦ୍ଧ ପରେ ପାଣ୍ଡବଙ୍କ ଦ୍ୱାରା ଅଶ୍ୱମେଧ ଯଜ୍ଞ ଆୟୋଜନ କରିବା ଲାଗି ପ୍ରସ୍ତୁତି ଚାଲିଥିଲା । ଏହି ସମୟରେ ଉତ୍ତରାଙ୍କ ପୁତ୍ର ଜନ୍ମ ନେଲା । ଏହି ଆନନ୍ଦର ସମୟ ହଠାତ୍ ଶୋକରେ ଭରିଗଲା । ଜଣାପଡ଼ିଲା ଯେ ଉତ୍ତରା ଏକ ମୃତ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି । ପାଣ୍ଡବଙ୍କ ପାଇଁ ତର୍ପଣ କରିବା ଲାଗି କେହି ନଥିଲେ ।

ସମସ୍ତେ ଏହି ବାଳକ ଉପରେ ଆଶା ରଖିଥିଲେ । ଭଗବାନ ଶ୍ରୀକୃଷ୍ଣ ବୁଝିପାରିଲେ ଯେ ଅଶ୍ୱତ୍ଥାମାଙ୍କ ବ୍ରହ୍ମାସ୍ତ୍ର ପ୍ରୟୋଗ ଯୋଗୁ ଏହି ବାଳକ ଉତ୍ତରାଙ୍କ ଗର୍ଭରେ ମୃତ୍ୟୁବରଣ କରିଛି । ତେଣୁ ମୃତ ଶିଶୁ ଜନ୍ମ ହୋଇଛି । ଶ୍ରୀକୃଷ୍ଣ ସେହି ମୃତଶିଶୁକୁ କୋଳେଇ ନେଲେ ଏବଂ ଉତ୍ତରା ଏବଂ ସୁଭଦ୍ରାଙ୍କ ଉଦ୍ଦେଶ୍ୟରେ କହିଲେ, ମୁଁ କେବେ ବି ଯୁଦ୍ଧଭୂମିରୁ କାପୁରୁଷ ଭଳି ପଳାୟନ କରିନାହିଁ । କେବେ ମିଥ୍ୟାର ଆଶ୍ରୟ ନେଇନାହିଁ । ଯାହା ବି କରିଛି ସର୍ବଦା ଧର୍ମ ପ୍ରତିଷ୍ଠା ପାଇଁ ହିଁ କରିଛି । ମୋର ପୂଣ୍ୟ ବଳରେ ମୁଁ ଏବେ ଏହି ଶିଶୁକୁ ଜୀବନଦାନ ଦେଉଛି । ଏହା କହିବା ପରେ ଶିଶୁଟି ତତ୍‌କ୍ଷଣାତ୍ ଜୀବିତ ହୋଇଗଲା । ଜନ୍ମ ପୂର୍ବରୁ ହିଁ ସେହି ଶିଶୁ ଈଶ୍ୱରଙ୍କ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଭଗବାନ ଶ୍ରୀକୃଷ୍ଣ ତା'ର ନାଁ ଦେଲେ 'ପରୀକ୍ଷିତ' । ପରବର୍ତ୍ତୀ କାଳରେ ଏହି ଶିଶୁ ହିଁ ପାଣ୍ଡବଙ୍କ ଉତ୍ତରାଧିକାରୀ ରୂପରେ ହସ୍ତିନାପୁରର ଶାସନ କଲା । ରାଜା ପରୀକ୍ଷିତ ଭାରତବର୍ଷରେ ଧର୍ମପୂର୍ବକ ଶାସନ କରିଥିଲେ । ତାଙ୍କ ଯୋଗୁ ଆର୍ଯ୍ୟାବର୍ତ୍ତ ଏକ ଭୂଖଣ୍ଡ ରୂପରେ ଶାସିତ ହୋଇଥିଲା ଏବଂ ସମୃଦ୍ଧିର ଶିଖରରେ ପହଞ୍ଚିପାରିଥିଲା । ରାଜା ପରୀକ୍ଷିତଙ୍କ ସମୟରେ ହିଁ ଦ୍ୱାପର ଯୁଗର ପରିସମାପ୍ତି ଘଟି ସଂସାରରେ କଳିଯୁଗର ଆଗମନ ହୋଇଥିଲା ।

# ଅର୍ଜୁନଙ୍କୁ ଅଭିଶାପ

ସ୍ୱର୍ଗରେ ୧୧୧ ଅପସରା ରହିଥିଲେ। ଏମାନଙ୍କ ମଧ୍ୟରୁ ଉର୍ବଶୀଙ୍କ ସ୍ଥାନ ସର୍ବୋଚ୍ଚ ଥିଲା। ତାଙ୍କର ସୁନ୍ଦରତା ଅତ୍ୟନ୍ତ ମନମୁଗ୍ଧକାରୀ ଥିଲା। ଦିନେ



ମର୍ତ୍ତ୍ୟମଣ୍ଡଳରୁ ରାଜା ପୁରୁରବା ଇନ୍ଦ୍ରଦେବଙ୍କ ସଭାକୁ ଆସିଥିଲେ। ତାଙ୍କୁ ଦେଖି ଉର୍ବଶୀ ମୋହିତ ହୋଇପଡ଼ିଲେ। ଏମିତିରେ ତାଙ୍କ ନୃତ୍ୟ ବିଗିଡ଼ିଗଲା। ଏହା ଜାଣିପାରି ଦେବରାଜ ଇନ୍ଦ୍ର କୋପିତ ହେଲେ। ସେ ଉର୍ବଶୀଙ୍କୁ ଅଭିଶାପ ଦେଲେ । ଏହି ଅଭିଶାପ କାରଣରୁ ଉର୍ବଶୀ ମର୍ତ୍ତ୍ୟମଣ୍ଡଳରେ ଯାଇ ରାଜା ପୁରୁରବାଙ୍କୁ ବିବାହ କରି ରହିଲେ। ଦୁହିଁଙ୍କ ଔରସରୁ ୯ଜଣ ପୁତ୍ର ସନ୍ତାନ ଜନ୍ମ ନେଲେ। କିଛି ବର୍ଷ ପର୍ଯ୍ୟନ୍ତ ମୃତ୍ୟୁଲୋକରେ ପୁରୁରବାଙ୍କ ସହ ସମୟ ବିତାଇବା ପରେ ଉର୍ବଶୀ ସ୍ୱର୍ଗକୁ ଫେରିଆସିଲେ ଏବଂ ଇନ୍ଦ୍ରଦେବ ତାଙ୍କୁ ପୁଣି ଥରେ ସ୍ୱୀକାର କରିନେଲେ। ଏମିତି ସମୟ ବିତିଗଲା। ଦେବରାଜ ଇନ୍ଦ୍ରଙ୍କ କୃପାରୁ ରାଜା ପାଣ୍ଡୁଙ୍କ ପତ୍ନୀ କୁନ୍ତୀଙ୍କ ପୁତ୍ର ରୂପେ ଅର୍ଜୁନ ଜନ୍ମନେଲେ। ଦିନେ ଅର୍ଜୁନ ସ୍ୱର୍ଗଲୋକ ଯାଇଥିଲେ। ସେଠାରେ ଉର୍ବଶୀଙ୍କ ନଜର ତାଙ୍କ ଉପରେ ପଡ଼ିଲା । ଉର୍ବଶୀ ଅର୍ଜୁନଙ୍କୁ ଦେଖି ମୋହିତ ହୋଇଗଲେ ଏବଂ ତାଙ୍କ ସହ ପ୍ରଣୟ ଲାଗି ପ୍ରସ୍ତାବ ଦେଲେ। ମାତ୍ର ଅର୍ଜୁନ କହିଲେ, ଆପଣ ମୋର ପୂର୍ବଜ ରାଜା ପୁରୁରବାଙ୍କୁ ବିବାହ କରିଥିଲେ। ଏହି ଦୃଷ୍ଟିରୁ ଆପଣ ମୋର ମାତାଙ୍କ ଭଳି। ତେଣୁ ଆପଣଙ୍କୁ ବିବାହ କରିବା ମୋ ପାଇଁ ପାପ ହେବ। ଏଥିରେ ଉର୍ବଶୀ କ୍ରୋଧିତ ହୋଇପଡ଼ିଲେ। ସେ ଅର୍ଜୁନଙ୍କୁ ନପୁଂସକ ହୋଇଯିବା ଲାଗି ଅଭିଶାପ ଦେଲେ। ତେବେ ସେ ଏହାର ଅବଧି ସୀମିତ ରଖିଲେ। ଅଜ୍ଞାତବାସ କାଳରେ ଅର୍ଜୁନଙ୍କୁ ନପୁଂସକ ଭଳି ଜୀବନ ବିତାଇବାକୁ ପଡ଼ିଲା। ସେ ରାଜା ବିରାଟଙ୍କ ରାଜଦରବାରରେ ନର୍ତ୍ତକୀ 'ବୃହନଳା' ରୂପରେ ନିଜ ପରିଚୟ ଲୁଚାଇ ରହିଥିଲେ।

ବର୍ଷ-୨୫, ସଂଖ୍ୟା-୨୬
ଭୁବନେଶ୍ୱର
୨୬, ଜାନୁଆରୀ, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 26
Bhubaneswar
26 January, 2025, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



# ଜୀବନ ମୂଲ୍ୟ ଆମ ସଭ୍ୟତା ଏବଂ ସଂସ୍କୃତିର ଏକ ଅଂଶ



**ନୂଆଦିଲ୍ଲୀ,୨୫।୧(ଏଜେନ୍ସି):** ୭୬ତମ ଗଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମ୍ବୋଧନ କରିଛନ୍ତି ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତି କହିଛନ୍ତି, ଗଣତନ୍ତ୍ର ଦିବସ ଅବସରରେ ମୁଁ ଆପଣଙ୍କୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି। ୭୫ବର୍ଷ ପୂର୍ବେ, ୨୬ ଜାନୁଆରୀରେ, ଭାରତର ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା। ଆଜି ଆମେ ପ୍ରଥମେ ଦେଶ ନିର୍ମାଣରେ ନିଜର ପଦଚିହ୍ନ ଛାଡ଼ିଥିବା ମହାମନିଷୀଙ୍କୁ ସ୍ମରଣ କରିବା ଉଚିତ। ଯେଉଁମାନେ ମାତୃଭୂମିକୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବା ପାଇଁ ବଳିଦାନ ଦେଇଥିଲେ। ଆମେ ଚଳିତ ବର୍ଷ ଭଗବାନ୍ ବିର୍ସା ମୁଣ୍ଡାଙ୍କର ୧୫୦ତମ ଜନ୍ମ ବାର୍ଷିକୀ ପାଳନ କରୁଛୁ। ସେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିନିଧୀ ଭାବରେ ଛିଡା ହୋଇଛନ୍ତି ଯାହାର ଜାତୀୟ ଇତିହାସରେ ଭୂମିକା ବର୍ତ୍ତମାନ ସତ୍ୟରେ ସ୍ୱୀକୃତିପ୍ରାପ୍ତ।

ବିଂଶ ଶତାବ୍ଦୀର ପ୍ରାରମ୍ଭରେ, ସେମାନଙ୍କର ସଂଘର୍ଷ ଏକ ସଂଗଠିତ ଦେଶବ୍ୟାପୀ ସ୍ୱାଧୀନତା ଆନ୍ଦୋଳନରେ ଏକୀଭୂତ ହୋଇଥିଲା। ସ୍ୱାଧୀନତା, ସମାନତା ଏବଂ ଭ୍ରାତୃଭାବ ତତ୍ତ୍ୱିକ ଧାରଣା ନୁହେଁ ଯାହାକୁ ଆମେ ଆଧୁନିକ ଯୁଗରେ ଶିଖିବାକୁ ଆସିଥିଲୁ। ସେମାନେ ସର୍ବଦା ଆମର ସଭ୍ୟତା ଐତିହ୍ୟର ଅଂଶ ହୋଇଆସୁଛନ୍ତି।

ରାଷ୍ଟ୍ରପତି କହିଛନ୍ତି, ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱ କେବଳ ତାତ୍ତ୍ୱିକ ଧାରଣା ନୁହେଁ ଯାହାକୁ ଆମେ ଆଧୁନିକ ଯୁଗରେ ପରିଚିତ କରିଛୁ। ଏହି ଜୀବନ ମୂଲ୍ୟ ସବୁବେଳେ ଆମର ସଭ୍ୟତା ଏବଂ ସଂସ୍କୃତିର ଏକ ଅଂଶ ହୋଇଆସିଛି।

ଭାରତର ଗଣତନ୍ତ୍ର ମୂଲ୍ୟ ପ୍ରତିଫଳନ ଆମର ସମ୍ବିଧାନ ରଚନାରେ ମଧ ଦୃଶ୍ୟମାନ ହେଉଛି। ସେଥିରେ ସମସ୍ତ ବର୍ଗଙ୍କର ପ୍ରତିନିଧିତ୍ୱ ରହିଛି। ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ସରୋଜିନୀ ନାଇଡୁ, ରାଜକୁମାରୀ ଅମୃତ କୌର, ସୁଚେତା କ୍ରିପାଲିନି, ହଂସାବେନ୍ ମେହେଟ୍ଟା ଏବଂ ମାଳତୀ ଚୌଧୁରୀଙ୍କ ପରି ୧୫ ଜଣ ଅସାଧାରଣ ମହିଳା ମଧ ସାମିଲ ହୋଇଥିଲେ। ଏଥିରୁ ସ୍ୱଷ୍ଟ ଯେ, ସମ୍ବିଧାନ ଆମର ସାମୂହିକ ପରିଚୟର ଆଧାର।

ରାଷ୍ଟ୍ରପତି କହିଛନ୍ତି ଯେ, ଭାରତର କୃଷକମାନେ କଠିନ ପରିଶ୍ରମ କରିଛନ୍ତି ଏବଂ ଖାଦ୍ୟ ଶସ୍ୟ ଉତ୍ପାଦନରେ ଦେଶକୁ ଆତ୍ମନିର୍ଭରଶୀଳ କରିଛନ୍ତି। ସେ କହିଛନ୍ତି, ଆମର କୃଷକ ଭାଇ ଓ ଭଉଣୀମାନେ କଠିନ ପରିଶ୍ରମ କରିଥିଲେ ଏବଂ ଖାଦ୍ୟ ଶସ୍ୟ ଉତ୍ପାଦନରେ ଆମ ଦେଶକୁ ଆତ୍ମନିର୍ଭରଶୀଳ କରିଥିଲେ। ଆମର ଶ୍ରମିକ ଭାଇ ଓ ଭଉଣୀମାନେ ଅକ୍ଲାନ୍ତ ପରିଶ୍ରମ କରିଥିଲେ ଏବଂ ଆମର ଭିତ୍ତିଭୂମି ତଥା ଉତ୍ପାଦନ କ୍ଷେତ୍ରକୁ ନବୀକରଣ କରିଥିଲେ। ସେମାନଙ୍କର ଉଜ୍ଜ୍ୱଳ ପ୍ରଦର୍ଶନର ଶକ୍ତି ଉପରେ ଆଜି ଭାରତୀୟ ଅର୍ଥନୀତି ବିଶ୍ୱର ଆର୍ଥିକ ଦୃଶ୍ୟକୁ ପ୍ରଭାବିତ କରୁଛି।

ରାଷ୍ଟ୍ରପତି କହିଛନ୍ତି, ଭାରତର ଆର୍ଥିକ ଅଭିବୃଦ୍ଧି ହାର ଆକାଶଛୁଆଁ ହେଉଛି। ସେ କହିଛନ୍ତି, ନିକଟ ଅତୀତରେ ଅର୍ଥନୈତିକ ଅଭିବୃଦ୍ଧି ହାର କ୍ରମାଗତ ଭାବରେ ଅଧିକ ରହିଆସିଛି, ଯାହା ଆମ ଯୁବବର୍ଗମାନଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିଛି। କୃଷକ ଏବଂ ଶ୍ରମିକଙ୍କ ହାତରେ ଅଧିକ ଟଙ୍କା ଦେଇଛି ଏବଂ ବହୁ ସଂଖ୍ୟକ ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତି ଦେଇଛି। ଦେଶରେ ଦୂରଦୃଷ୍ଟି ସମ୍ପନ୍ନ ଅର୍ଥନେତିକ ସଂସ୍କାର ଜାରି ରହିଛି।

ରାଷ୍ଟ୍ରପତି ଦେଶକୁ ଦେଇଥିବା ସମ୍ବୋଧନରେ ଡିଜିଟାଲ୍ ଦେୟ ବିଷୟରେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ଏକାଧିକ ଡିଜିଟାଲ ପେମେଣ୍ଟ ବିକଳ୍ପ ସହିତ ସିଧାସଳଖ ଲାଭ ସ୍ଥାନାନ୍ତରଣ ପ୍ରଣାଳୀ ଅନ୍ତର୍ଭୂକ୍ତିକୁ ପ୍ରୋତ୍ସାହିତ କରିଛି, ଯାହାକି ବହୁ ସଂଖ୍ୟକ ଲୋକଙ୍କୁ ଆନୁଷ୍ଠାନିକ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବାକୁ ଅନୁମତି ଦେଇଛି। ରାଷ୍ଟ୍ରପତି କହିଛନ୍ତି, ଭାରତୀୟ ପେନାଲ କୋଡ, ଭାରତୀୟ ସିଭିଲ ଡିଫେନ୍ସ କୋଡ ଏବଂ ଭାରତୀୟ ଦଣ୍ଡବିଧି ଆଇନ, ଅପରାଧିକ ପ୍ରକ୍ରିୟା ସଂକେତ ଏବଂ ଭାରତୀୟ ପ୍ରମାଣ ଆଇନ ବଦଳରେ ଭାରତୀୟ ପ୍ରମାଣ ଆଇନ କାର୍ଯ୍ୟକାରୀ କରିବା ନିଷ୍ପତ୍ତି ସବୁଠାରୁ ଉଲ୍ଲେଖନୀୟ।

# ୪ ଓଡ଼ିଆଙ୍କୁ ପଦ୍ମ ପୁରସ୍କାର



**ନୂଆଦିଲ୍ଲୀ,୨୫।୧ :** ସାଧାରଣତନ୍ତ୍ର ଦିବସ ଅବସରରେ ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ପକ୍ଷରୁ ଶନିବାର ସନ୍ଧ୍ୟାରେ ପଦ୍ମ ପୁରସ୍କାର ଘୋଷଣା କରାଯାଇଛି। କଳା, ସମାଜସେବା, ଚିକିତ୍ସା, ଶିଳ୍ପ, ସାହିତ୍ୟ, କୀଡ଼ା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୋଟ୍ ୧୩୯ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଭାରତ ସରକାର ପଦ୍ମ ପୁରସ୍କାରରେ ସମ୍ମାନିତ କରିବେ। ଏହି ତାଲିକାରେ ଓଡ଼ିଶାର ୪ ଜଣ ଅଛନ୍ତି। ସେମାନେ ହେଲେ ଅଦ୍ୱୈତ ଚରଣ ଗଡ଼ନାୟକ, ଦୁର୍ଗାଚରଣ ରଣବୀର, ପ୍ରତିଭା ଶତପଥୀ ଓ ଡା. ଅଶୋକ କୁମାର ମହାପାତ୍ର।

ଗୃହ ମନ୍ତ୍ରାଳୟ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଅନୁସାରେ କଳା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ଅଦ୍ୱୈତ ଚରଣ ଗଡ଼ନାୟକ, ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଡା. ଅଶୋକ କୁମାର ମହାପାତ୍ର, କଳା ପାଇଁ ଦୁର୍ଗାଚରଣ ରଣବୀର ଓ ସାହିତ୍ୟ ଏବଂ ଶିକ୍ଷା ପାଇଁ ପ୍ରତିଭା ଶତପଥୀଙ୍କୁ ପଦ୍ମଶ୍ରୀ ପାଇଁ ମନୋନୀତ କରାଯାଇଛି।

ଅଦ୍ୱୈତ ଚରଣ ଗଡ଼ନାୟକ ମୂର୍ତ୍ତି ନିର୍ମାଣ ପାଇଁ ବିଖ୍ୟାତ। ସେ ଢେଙ୍କାନାଳ ଜିଲ୍ଲା ନେଉଳାପୋଇ ଗାଁରେ ଜନ୍ମଗ୍ରହଣ କରିଥିଲେ। ସେ ଭୁବନେଶ୍ୱରସ୍ଥିତ ବିକେ କଲେଜ୍ ଅଫ୍ ଆର୍ଟସ ଆଣ୍ଡ କ୍ରାଫ୍ଟରୁ ସ୍ନାତକ ଶିକ୍ଷା ପ୍ରାପ୍ତ କରିଥିଲେ। ନୂଆଦିଲ୍ଲୀସ୍ଥିତ କଲେଜ୍ ଅଫ୍ ଆର୍ଟରୁ ସ୍ନାତକୋତ୍ତର ଡିଗ୍ରି ହାସଲ କରିଥିଲେ। ଇଣ୍ଡିଆ ଗେଟ୍ ନିକଟରେ ନେତାଜୀ ସୁଭାଷ ବୋଷ, ନୂଆଦିଲ୍ଲୀର ରାଜଘାଟରେ ସ୍ଥାପିତ 'ଦାଣ୍ଡି ଯାତ୍ରା'ର କଳାକୃତି ପ୍ରଶଂସନୀୟ ହୋଇପାରିଛି।

ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତି ବିଶେଷମାନଙ୍କ ମଧ୍ୟରୁ ଦୁର୍ଗାଚରଣ ରଣବୀର ହେଉଛନ୍ତି ଅନ୍ୟତମ। ଶିକ୍ଷକ ଭାବେ ତାଙ୍କ ପାଖରେ ଦୀର୍ଘ ୨ ଦଶନ୍ଧିରୁ ଅଧିକ ସମୟର ଅଭିଜ୍ଞତା ରହିଛି। ସେ ହେଉଛନ୍ତି ଗୁରୁ ଦେବ ପ୍ରସାଦ ଦାସଙ୍କର ଶିଷ୍ୟ। ସେ ଭୁବନେଶ୍ୱର, କଟକ, ନୂଆଦିଲ୍ଲୀ ଓ ଆମେରିକାରେ ଶିକ୍ଷାଦାନ କରିଛନ୍ତି। ଭୁବନେଶ୍ୱରରେ ତାଙ୍କର ଏକ ପ୍ରତିଷ୍ଠାନ ପରିଚାଳିତ ହେଉଛି। ତାଙ୍କର ଶିଷ୍ୟମାନେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ଛାତ୍ରବୃତ୍ତି ପାଉଛନ୍ତି।

କେନ୍ଦ୍ର ସାହିତ୍ୟ ପୁରସ୍କାରପ୍ରାପ୍ତ ପ୍ରତିଭା ଶତପଥୀ ସାହିତ୍ୟ କ୍ଷେତ୍ରରେ ଏକ ଉଜ୍ଜଳ ତାରକା। ସେ ୧୯୪୫ ମସିହା ନଭେମ୍ବର ୨୭ ତାରିଖରେ ଜନ୍ମଗ୍ରହଣ କରିଥିଲେ। ୧୯୬୨ ମସିହାରେ ତାଙ୍କର ପ୍ରଥମ କବିତା ସଂକଳନ 'ଆମ କବିତା' ପ୍ରକାଶ ପାଇଥିଲା। ସେବେ ଠାରୁ ତାଙ୍କର ଅନେକ ଗୁଡ଼ିଏ କବିତା ସଂକଳନ ପ୍ରକାଶିତ ହୋଇଛି। ତାଙ୍କର ପୁସ୍ତକ ହିନ୍ଦୀ ଓ ଇଂରାଜୀରେ ମଧ ଅନୁବାଦ ହୋଇଛି। ଜାତୀୟ ଓ ଆଞ୍ଚଳିକ ସ୍ତରରେ ତାଙ୍କୁ ଅନେକ ପୁରସ୍କାର ମିଳିଛି।

ଡା. ଅଶୋକ କୁମାର ମହାପାତ୍ର ଚିକିତ୍ସା କ୍ଷେତ୍ରକୁ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ସେ ଦିଲ୍ଲୀ ଏମ୍ସ ଏବଂ ଭୁବନେଶ୍ୱର ଏମ୍ସର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ନ୍ୟୁରୋଲୋଜି ବିଭାଗର ଜଣେ ବରିଷ୍ଠ ଚିକିତ୍ସକ।

ଏହି ତାଲିକାରେ କୁଏତର ଯୋଗ ପ୍ରଶିକ୍ଷକ ସାଇଖା ଏଜେ ଅଲ ସବା, ଆପଲ ସମ୍ରାଟ ହାରିମାନ ଏବଂ ବ୍ରାଜିଲର ବେଦାନ୍ତ ଗୁରୁ ଜୋନାସ ମାସେଟିଙ୍କ ସମେତ ଅନେକ ଅଜଣା ଏବଂ ଅନନ୍ୟ ପଦ୍ମ ପୁରସ୍କାର ବିଜେତା ରହିଛନ୍ତି।


ଗର୍ଭାଶୟ କର୍କଟ ରୋଗ ଚିହ୍ନଟ, ନିରାକରଣ ଏବଂ ପରିଚାଳନାରେ ବିଶେଷଜ୍ଞ ଦିଲ୍ଲୀର ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ନୀରଜା ଭଟଲାଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବ। ଭୋଜପୁରର ସମାଜସେବୀ ଭୀମ ସିଂ ଭବେଶଙ୍କୁ ଗତ ୨୨ ବର୍ଷ ଧରି ତାଙ୍କ ସଂଗଠନ 'ନାଇ ଆଶା' ଜରିଆରେ ସମାଜର ଅନ୍ୟତମ ଅବହେଳିତ ଗୋଷ୍ଠୀ ମୁସାହର ସମ୍ପ୍ରଦାୟର ଉନ୍ନତି ପାଇଁ ତାଙ୍କର ଅକ୍ଲାନ୍ତ ପରିଶ୍ରମ ପାଇଁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯିବ।

ସେହିପରି ପିଦଚନମୂର୍ତ୍ତିଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯିବ। ଦକ୍ଷିଣ ଭାରତୀୟ ସଙ୍ଗୀତ ଓ ସଂସ୍କୃତି ପାଇଁ ଗୁରୁତ୍ୱପୂର୍ଣ୍ଣ ଶାସ୍ତ୍ରୀୟ ବାଦ୍ୟଯନ୍ତ୍ର ଥାଭିଲରେ ବିଶେଷଜ୍ଞତା ହାସଲ କରିଥିବା ସେ ଜଣେ ବାଦ୍ୟବାଦକ। ଯାହାର ୫ ଦଶନ୍ଧିରୁ ଅଧିକ ଅଭିଜ୍ଞତା ରହିଛି। ସେଓ ସମ୍ରାଟ ହରିମନ ଶର୍ମା ପଦ୍ମଶ୍ରୀ ପାଇବେ। ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାର ମଧ୍ୟରୁ ଅନ୍ୟତମ। ୧୯୫୪ ମସିହାରୁ ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ଏହି ପୁରସ୍କାର ଘୋଷଣା କରାଯାଏ।

# ୧୯ ପୋଲିସ ଅଧିକାରୀଙ୍କୁ ମିଳିବ ରାଷ୍ଟ୍ରପତି ପଦକ

**ଭୁବନେଶ୍ୱର,୨୫।୧ (ମହାଭାରତ):** ସାଧାରଣତନ୍ତ୍ର ଦିବସ ୨୦୨୫ ନିମନ୍ତେ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ପୁରସ୍କାର ଘୋଷଣା କରାଯାଇଛି। କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ସେବା ନିମନ୍ତେ ଓଡ଼ିଶାର ୧୯ ଜଣ ପୋଲିସ ଅଧିକାରୀଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯିବ। କାର୍ଯ୍ୟ କ୍ଷେତ୍ରରେ ସାହାସିକତା ପ୍ରଦର୍ଶନ ନିମନ୍ତେ ୬ ଜଣଙ୍କୁ ସାହାସିକତା ପୁରସ୍କାର, କାର୍ଯ୍ୟ କ୍ଷେତ୍ରରେ ବିଶିଷ୍ଟ ସେବା ନିମନ୍ତେ ୨ ଜଣଙ୍କୁ ରାଷ୍ଟ୍ରପତି ପୁରସ୍କାର ଏବଂ ୧୧ ଜଣଙ୍କୁ ଉଲ୍ଲେଖନୀୟ ସେବା ପଦକ ମିଳିବ। ସରୋଜ କୁମାର ସାମଲ, ଏସ.ପି, . ସତ୍ୟବାଦୀ ମଲ୍ଲିକ, କନେଷ୍ଟବଲ ବିଶିଷ୍ଟ ସେବା ନିମନ୍ତେ ରାଷ୍ଟ୍ରପତି ପଦକ ନିମନ୍ତେ ଚୟନ କରାଯାଇଛି। ସେହିପରି ସାହସିକତା ପୋଲିସ ସେବା ପଦକ ପାଇଁ ଶ୍ରୀ ଗିରୀଶ ଚନ୍ଦ୍ର ମାଝି, ସବଇନ୍ସପେକ୍ଟର, ପବିତ୍ର କୁମାର ସାହୁ, ହାବିଲଦାର

ଉମେଶ ମୁଣ୍ଡା, ହାବିଲଦାର, ପୀତାମ୍ବର ସତନାମୀ, କନେଷ୍ଟବଲ, କବି ଚନ୍ଦ୍ର ରାଉତ, କନେଷ୍ଟବଲ, ସୁଶାନ୍ତ କୁମାର ସାଗର, କନେଷ୍ଟବଲଙ୍କୁ ଚୟନ କରାଯାଇଛି।






## କେନ୍ଦ୍ରୀୟ ବଜେଟ

ଫେବୃଆରୀ ପହିଲାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ। ଏଥିଲାଗି ଗତ ନଭେମ୍ବରରୁ ପ୍ରସ୍ତୁତି ଚାଲିଛି ଏବଂ ଅର୍ଥମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ବ୍ୟକ୍ତି, ସଙ୍ଗଠନ ତଥା ରାଜ୍ୟ ଅର୍ଥମନ୍ତ୍ରୀ, ପୂର୍ବତନ ଅର୍ଥମନ୍ତ୍ରୀଙ୍କ ଅର୍ଥନୀତିଜ୍ଞମାନଙ୍କ ସହ ଆଲୋଚନା କରିଛନ୍ତି। ସମସ୍ତଙ୍କ ମତାମତକୁ ନେ ଅର୍ଥମନ୍ତ୍ରୀ ନୂଆ ବଜେଟ ପ୍ରସ୍ତୁତ କରିବେ। ଗତ ବର୍ଷ ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ବଜେଟ ଉପସ୍ଥାପନ କରିଥିଲେ। ନିର୍ବାଚନ ପୂର୍ବରୁ ଫେବୃଆରୀରେ ଅର୍ଥମନ୍ତ୍ରୀ ଆର୍ଥିକ ବର୍ଷର ପ୍ରଥମ ୪ ମାସ ପାଇଁ ଏକ କାମଚଳା ବଜେଟ ବା ଭୋଟ ଅନ ଆକାଉଣ୍ଟ ଉପସ୍ଥାପନ କରିଥିଲେ। ନିର୍ବାଚନ ପରେ ନରେନ୍ଦ୍ର ମୋଦିଙ୍କଙ୍କ ନେତୃତ୍ୱରେ ନୂଆ ସରକାର ଗଠିତ ହେବା ପରେ ପରବର୍ତ୍ତୀ ୮ ମାସ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପିତ ହୋଇଥିଲା। ଆସନ୍ତା ମାସ ପହିଲାରେ ଅର୍ଥମନ୍ତ୍ରୀ ପୁରା ଆର୍ଥିକ ବର୍ଷ ନିମନ୍ତେ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିବେ। ତେଣୁ କହିବାକୁ ଗଲେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ଏନଡିଏର ତୃତୀୟ ପାଳି ସରକାର ଗଠିତ ହେବା ପରେ ଏହା ହେବ ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ। ନିର୍ବାଚନ ସରିଯାଇଛି। ତେଣୁ ସରକାର ଏବେ ଚାପମୁକ୍ତ। ସାଧାରଣ ଲୋକଙ୍କ ସ୍ୱାର୍ଥ ରକ୍ଷା ଏବଂ ଦେଶର ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ବଜେଟ ପ୍ରସ୍ତୁତ କରିବେ ବୋଲି ଆଶା। ଏଥର ଆୟକର ସ୍ଲାବରେ ପରିବର୍ତ୍ତନ ହେବ ଏବଂ ମଧ୍ୟବିତ୍ତ ବର୍ଗ ପାଇଁ ଆୟକର ରିହାତି ମିଳିବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ବିଭିନ୍ନ ସାମଗ୍ରୀର ଦରଦାମ ଯେପରି ଭାବେ ବୃଦ୍ଧି ପାଇଛି ଏବଂ ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇଛି ସେ ଦୃଷ୍ଟିରୁ ଆୟକର ଛାଡ଼ ସୀମା ବୃଦ୍ଧି ପାଇବା ଜରୁରୀ। ବର୍ତ୍ତମାନ ଜୀବନ ଧାରଣର ମାନକୁ ଦୃଷ୍ଟିରେ ରଖିଲେ ବାର୍ଷିକ ୭ ଲକ୍ଷ ଟଙ୍କା ଆୟ ପର୍ଯ୍ୟନ୍ତ ଆୟକର ଲାଗୁ ହେବା ଅନୁଚିତ। ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବାବଦ ବ୍ୟୟ ବଢ଼ିଛି। ଏହାକୁ ଦୃଷ୍ଟିରେ ରଖିଲେ ଆୟକର ସ୍ଲାବରେ ପରିବର୍ତ୍ତନ ହେବା ଉଚିତ। ବଜେଟ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ବେଳେ ଅନେକ ଏମଏସଏମଇର ବିକାଶ ଉପରେ ଅଧିକ ଧ୍ୟାନ ଦେବା ଏବଂ ଏହି ସେକ୍ଟରକୁ କିଛିଟା ପ୍ରୋତ୍ସାହନ ଏବଂ ରିହାତିର ଆବଶ୍ୟକତା ରହିଛି। କାରଣ ଶିଳ୍ପ ବିକାଶରେ ଏମଏସଏମଇ ସେକ୍ଟରର ଭୂମିକା ଅଧିକ। ଏହି ସେକ୍ଟରରେ ସର୍ବାଧିକ ନିଯୁକ୍ତି ସୁଯୋଗ ରହିଛି। ଏହା ବ୍ୟତିତ ଦେଶର ରପ୍ତାନୀ ଅଭିବୃଦ୍ଧି ମଧ୍ୟ ଏମଏସଏମଇ ସେକ୍ଟର ଉପରେ ଅନେକାଂଶରେ ନିର୍ଭର କରୁଛି। ସେହିପରି କୃଷି କ୍ଷେତ୍ରକୁ ବଜେଟରେ ସର୍ବାଧିକ ଗୁରୁତ୍ୱ ଦିଆଯିବା ଏବଂ ଏହାକୁ ପ୍ରାଧାନ୍ୟ ଦେବା ସପକ୍ଷରେ ଅନେକ ଅର୍ଥନୀତିଜ୍ଞ ମତବ୍ୟକ୍ତ କରିଛନ୍ତି। ସାର ଉପରେ ଅଧିକ ସବସିଡି ଏବଂ ଏମଏସପି ବୃଦ୍ଧି ସହିତ କୃଷି ଭିତ୍ତିଭୂମି ବିକାଶ ଲାଗି ବଜେଟରେ ଅଧିକ ବ୍ୟୟ ବରାଦ କରାଯିବ ବୋଲି ଆଶା କରାଯାଉଛି। ଜଳସେଚନର ପ୍ରସାର ଏବଂ କୃଷିଜାତ ସାମଗ୍ରୀର ବଜାର ବ୍ୟବସ୍ଥା କରାଗଲେ କୃଷି ଉତ୍ପାଦନ ବୃଦ୍ଧି ଏବଂ କୃଷକଙ୍କ ଆୟ ବଢ଼ିବ। ଏହା ବ୍ୟତିତ ଭିତ୍ତିଭୂମି ବିକାଶ ଅର୍ଥାତ ଜାତୀୟ ରାଜପଥ ସମ୍ପ୍ରସାରଣ, ଉନ୍ନତିକରଣ, ନୂଆ ବିମାନ ବନ୍ଦର ପ୍ରତିଷ୍ଠା ଏବଂ ପୁରୁଣା ବିମାନ ବନ୍ଦରର ଉନ୍ନତିକରଣ, ବିଭିନ୍ନ ପୋର୍ଟର ବିକାଶ ସହିତ ଏହା ସହିତ ସଡ଼କ ଏବଂ ରେଳପଥରେ ସଂଯୋଗୀକରଣ, ନୂଆ ରେଳପଥ ନିର୍ମାଣ ଏବଂ ରେଳସୁରକ୍ଷା ଲାଗି ବଜେଟରେ ଅଧିକ ବ୍ୟୟ ବରାଦ କରାଯିବ ବୋଲି ଆଶା କରାଯାଉଛି। ସେହିପରି ପ୍ରତିରକ୍ଷା ବାବଦ ବ୍ୟୟ ବରାଦ ବୃଦ୍ଧି ତଥା ସ୍ୱାସ୍ଥ୍ୟସେବାର ମାନ ବୃଦ୍ଧି ପାଇଁ ବଜେଟରେ ସନ୍ତୋଷଜନକ ବ୍ୟୟ ବରାଦ ହେବ ବୋଲି ବିଶ୍ୱାସ।

*ଲୋଭ - ଏହା ଭଦ୍ର ଲୋକକୁ ଚୋର କରିଦିଏ, ସନ୍ୟାସୀକୁ ସତ୍ୟାନାଶୀ କରିଦିଏ। ଲୋଭାସକ୍ତ ଲୋକ କାମାସକ୍ତ ବି ହୋଇଯାଇପାରେ। ସେ ଏଠାରେ ଲୋଭ ସହ କାମ ରୂପକ ଶତ୍ରୁ କବଳରେ ପଡ଼ି ଦ୍ୱିଗୁଣିତ କ୍ଷତି ସମ୍ମୁଖୀନ ହୁଏ। ଲୋଭୀ ଲୋକର ଭାବନାଧାରା ଏତେ ଅପବିତ୍ର ଥାଏ ଯେ ପରିଶେଷରେ ସେ ପାପୀରେ ପରିଣତ ହୋଇଯାଏ। କୌଣସି କାମ ନକରି ନିଜକୁ ନଷ୍ଟ କରିଦିଏ। ଦୁର୍ଯ୍ୟୋଧନର ରାଜ୍ୟ ଲୋଭର ପରିଣତି ସମସ୍ତେ ଜାଣନ୍ତି, କଂସର ଜୀବନ ପ୍ରତି ଥିବା ଲୋଭରା ପରିଣତି ଯାହା ହେଲା, ରାବଣର ନାରୀ ଲୋଭ ଫଳରେ ଯାହା ଘଟିଲା ସେଥିରୁ ଆମେ ଶିକ୍ଷା ଲାଭ କରିବା ଉଚିତ।*

# ଜାନୁଆରୀ ୨୬ର ଅନୁଚିନ୍ତା


॥ ଦାଶରଥୀ ଶତପଥୀ ॥


ଆମଦେଶ ସ୍ୱାଧୀନତାପ୍ରାପ୍ତି ପରେ ରାଷ୍ଟ୍ରନାୟକ ଡଃ. ଭିମରାଓ ରାମଜୀ ଆମ୍ବେଦକର ସ୍ୱାଧୀନ ରାଷ୍ଟ୍ରକୁ କେତେକ ନୀତି ନିୟମରେ ଚଳାଇବା ନିମନ୍ତେ ସମ୍ବିଧାନ ପ୍ରଣୟନ କରିଥିଲେ । ସେହି ପ୍ରଣୀତ ସମ୍ବିଧାନ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଗୃହୀତ ହୋଇ କାର୍ଯ୍ୟକାରୀ କରାଯାଇଥିଲା ଯଦିଓ ୧୯୪୯ ମସିହା ନଭେମ୍ବରର ୨୬ ତାରିଖ ଦିନ ଆମର ସମ୍ବିଧାନ ପ୍ରଣୟନ ସଭା ଏହି ସମ୍ବିଧାନକୁ ପ୍ରଣୟନ କରିଥିଲେ । ଗଣତନ୍ତ୍ର ଦିବସ ପୂର୍ବରୁ ଇଂରେଜମାନଙ୍କ ଦ୍ୱାରା ଗଠିତ ସମ୍ବିଧାନ ଢାଞ୍ଚାରେ କିଛି ଦିନ ଆମ ଦେଶର ଶାସନତନ୍ତ୍ର ଅନୁବନ୍ଧିତ ଥିଲା। ଶାସ୍ତ୍ରରେ କୁହାଯାଇଛି

'ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ, ପରଧର୍ମାତ୍ ସ୍ୱନୁଷ୍ଠିତାତ୍'

ସ୍ୱଧର୍ମେ ନିଧନଂ ଶ୍ରେୟଃ, ପରଧର୍ମେ ଭୟାବହଃ ।(ଗୀତା- ୩/୩୫)

ଉତ୍ତମ ଆଚରଣ ସହିତ ପାଳିତ ହେଉଥିବା ଅନ୍ୟର ଧର୍ମଠାରୁ ଗୁଣରହିତ ହେଲେ ମଧ୍ୟ ସ୍ୱଧର୍ମ ଅଧିକ ମଙ୍ଗଳକର । ନିଜ ଧର୍ମରେ ମରିବା ମଧ୍ୟ କଲ୍ୟାଣକର, କିନ୍ତୁ ଅନ୍ୟର ଧର୍ମ ଭୟାବହ ଅଥାତ୍ ବିବେକାନୁମୋଦିତ ପନ୍ଥାରେ ଐକାନ୍ତିକ ଭାବେ ନିଷ୍ଠାରେ କାର୍ଯ୍ୟ କରିବା ଉଚିତ୍ । ସଫଳତା ବା ବିଫଳତା ଯାହା ମିଳୁନା କାହିଁକି ତାକୁ ସମାନ ଭାବରେ ଗ୍ରହଣ କଲେ ତାହା ସାମାଜିକ ଜୀବନରେ ନାନା ସମସ୍ୟା ସମାଧାନ ହୋଇଥାଏ ।



ଆମ ସମ୍ବିଧାନ ପ୍ରସ୍ତାବନାରେ ରହିଛି:ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ, ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା, ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା, ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ ଏହି ୧୯୪୯ ନଭେମ୍ବର ୨୬ ତାରିଖ ଦିନ ଆମର ସଂବିଧାନ ପ୍ରଣୟନ ସଭାରେ ଏତଦଦ୍ୱାରା ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ। ସମ୍ବିଧାନ ପ୍ରଣେତା ଡଃ. ଭିମରାଓ ରାମଜୀ ଆମ୍ବେଦକର ସମ୍ବିଧାନ ସଭାର ଅନ୍ତିମ ଭାଷଣରେ କହିଥିଲେ ସମ୍ବିଧାନର ପ୍ରସ୍ତୁତି ସରିଛି, ଆମ ସମସ୍ତଙ୍କୁ ହିଂସା, ଦ୍ୱେଷ ଓ ଅରାଜକତାକୁ ପରିହାର କରିବାକୁ ପଡିବ । ସମ୍ବିଧାନ ମାଧ୍ୟମରେ ବିଚାର ବିମର୍ଶ କରି ସମାସ୍ୟାର ସମାଧାନ କରିବାକୁ ପଡିବ । ବିଭିନ୍ନ ସମ୍ବିଧାନ ପ୍ରଣୟନ ସଭାରେ ଧାରାବାହିକ ଆଲୋଚନା ପର୍ଯ୍ୟାଲୋଚନା ପରେ ଆମର ଯେଉଁ ସମ୍ବିଧାନ ପ୍ରଣୟନ ହେଲା ତାହା ବିଶ୍ୱବାସୀଙ୍କ ନୂଅ। ବାତାବରଣ ସୃଷ୍ଟି କରିଥିଲା । ଏହି ପରିପ୍ରେକ୍ଷୀରେ ଅନେକ ରାଜନୈତିକ ସମୀକ୍ଷକ ସ୍ୱୀକାର କରନ୍ତି ଯେ ଭାରତୀୟ ସମ୍ବିଧାନ ବିଶ୍ୱରେ ବିରଳ ଓ ସମୟୋପଯୋଗୀ । ଆଇନ ସମ୍ମୁଖରେ ସମସ୍ତେ ସମାନ ଓ ସମସ୍ତଙ୍କ ପାଇଁ ସମାନ ଭାବରେ ପ୍ରଯୁଜ୍ୟ ଯ ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ଲୋକ ପ୍ରତିନିଧିଙ୍କ ସରକାର ଜନସାଧାରଣଙ୍କ ହିତ ପାଇଁ କାର୍ଯ୍ୟ କରିଆସୁଛି । ଏହା ଆମକୁ ବଂଚିବା, ବଢିବାର ଧାର୍ମିକ କୌଶଳ, ସମବେଦନାର କୌଶଳ, ଭାତୃତ୍ୱ ବନ୍ଧନରେ ବାନ୍ଧିବାର କୌଶଳ ଓ ମଣିଷ ହୋଇ ତିଷ୍ଠି ରହିବାର ଅଭିମନ୍ତ୍ରରେ ବାନ୍ଧିରଖିଛି। ସ୍ୱାଧୀନତା ପ୍ରାପ୍ତି ପରେ ଭାରତ ବିକାଶର ପଥରେ ଅଗ୍ରସର ହୋଇ ଆଜି ପୃଥିବୀର ଏକ ସମୃଦ୍ଧ ରାଷ୍ଟ୍ର ରୂପେ ପରିଗଣିତ ହେଉଛି । ଭାରତୀୟ ଗଣତନ୍ତ୍ର ହୋଇଛି ସୁଦୃଢ ଓ ଶକ୍ତିଶାଳୀ ଏବଂ ଆତ୍ମନିର୍ଭରଶୀଳତା ହାସଲ ଦିଗରେ ଏହାର ଜୟଯାତ୍ରା ଅବ୍ୟାହତ ରହିଛି । ଆଜି ପୃଥିବୀର ଅନେକ ଦେଶରେ ଗଣତାନ୍ତ୍ରିକ ବ୍ୟବସ୍ଥା ଭୁଶୁଡି ଯାଇ ସାମରିକ ବା ଏକଛତ୍ରବାଦ ଶାସନ ଚାଲିଥିବାବେଳେ ଆମ ଦେଶରେ ଓ ରାଜ୍ୟରେ ଗଣତନ୍ତ୍ର ପଦ୍ଧତିରେ ଶାସନ ଚାଲିଛି ଯାହାକି ଭାରତୀୟ ସଂସ୍କୃତିର ମହତ ପଣିଆକୁ ସୂଚାଇ ଦେଉଛି । ଦେଶବାସୀ ଓ ରାଜ୍ୟବାସୀଙ୍କ ହିତ ସାଧନ ପାଇଁ ସରକାର ଅନେକ ଯୋଜନାମାନ କାର୍ଯ୍ୟକାରୀ କରୁଛନ୍ତି। ବିଶ୍ୱରେ ଶାନ୍ତି, ସ୍ଥିରତା ବଜାୟ ରଖିବା ଦିଗରେ ଭାରତ ଏକ ମହତ ଭୂମିକା ଗ୍ରହଣ କରିଆସୁଛି । ଆଜି ବିଜ୍ଞାନ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ କ୍ରୀଡା କ୍ଷେତ୍ରରେ ଆମ ଦେଶ ତଥା ରାଜ୍ୟ ଅଗ୍ରଣୀ ଲାଭ କରିଛି । ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଦଳିତ, ଗରୀବ ଲୋକଙ୍କ ଉନ୍ନତି ପାଇଁ ଚେଷ୍ଟା ଅହରହ ଚାଲିଛି । ଗାନ୍ଧିଜୀର ଆଦର୍ଶ ତଥା ସତ୍ୟ, ଧର୍ମ, ନ୍ୟାୟ, ଶୃଙ୍ଖଳା ଓ ଅନୁଶାସନ ପଥରେ ରହି ଆମକୁ କାର୍ଯ୍ୟ କରିବାକୁ ପଡିବ । ଦେଶକୁ, ରାଜ୍ୟକୁ ଶକ୍ତିଶାଳି କରିବା ପାଇଁ ଓ ଆର୍ଥିକ ଅବସ୍ଥାର ସୁଧାର ପାଇଁ ଆମକୁ କଠିନ ପରିଶ୍ରମ କରିବାକୁ ପଡିବ ଯାହାକି ଏକମାତ୍ର ମାର୍ଗ । ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି :-

କର୍ମଣ୍ୟୋ ବାଧିତାରସ୍ତେ ମା ଫଳେଷୁ କଦାଚନ

ମା କର୍ମଫଳହେତୁର୍ଭୁର୍ମା ତେ ସଙ୍ଗୋଦ୍ଧ ସ୍ୱକର୍ମଣି ।

ଅର୍ଥା କର୍ମ କରିବାରେ ହିଁ ତୋର ଅଧିକାର ଅଛି । ତାହାର ଫଳରେ କଦାପି ନୁହେଁ । ତେଣୁକରି ତୁ କର୍ମ ଫଳର ହେତୁ ହୁଅନାହିଁ ତଥା କର୍ମ ନକରିବାରେ ବି ତୋର ଆସକ୍ତି ନହେଉ । ତେଣୁ ଏହି ପବିତ୍ର ଦିନରେ ଆମେ ଶପଥ ନେବା ଯେ ସୁଖ-ଦୁଃଖ, ଜୟ-ପରାଜୟ,ଲାଭ-କ୍ଷତି, ମାନ-ଅପମାନ ଆଦି ଦ୍ୱନ୍ଦରୁ ଉର୍ଦ୍ଧ୍ୱକୁ ଯାଇ ଦେଶକୁ, ସମାଜକୁ କିପରି ଆଗେଇ ନେଇପାରିବା, ନିଷ୍କାମ ହୃଦୟରେ ଚିନ୍ତା କରିବା, ସତ୍ କର୍ମ, ଶୁଭ କର୍ମ ମାଧ୍ୟମରେ ଦେଶର ମଙ୍ଗଳ ସାଧନା କରିପାରିବା ଯେଉଁଥିରେକି ସମଗ୍ର ଦେଶର ଜନସାଧାରଣଙ୍କ ଜୀବନ ସୁଖ, ଶାନ୍ତିରେ ପରିପୂର୍ଣ୍ଣ ହୋଇପାରିବ ଓ ଏହା ସହିତ ଦେଶରୁ ସନ୍ତ୍ରାସବାଦୀ କାର୍ଯ୍ୟାକଳାପକୁ ସଂପୁର୍ଣ୍ଣ ଧ୍ୱଂସ କରିବା ନିମନ୍ତେ ସମସ୍ତ ନାଗରିକ ପ୍ରତିଜ୍ଞାବଦ୍ଧ ହେବା ଉଚିତ୍ । ଦେଶକୁ ଏକ ପୃଥିବୀର ଅଗ୍ରଣୀ ଦେଶ ଭାବେ ପରିଣତ କରିବା ପାଇଁ ଆଜିର ଦିନରେ ଆମେ ଶପଥ ନେବା ଉଚିତ୍ ।


ଦୂରଭାଷ ନଂ- ୯୩୩୭୪୯୩୭୩


# ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ଭାରତ


॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥


୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ସିନା ସ୍ୱାଧୀନତା ଲାଭ କଲା କିନ୍ତୁ ଆଜିର ଦିନରେ ସ୍ୱାଧୀନତା ଭାରତ ବିଧିବଦ୍ଧ ଭାବେ ତା'ର ପ୍ରଣୀତ ସମ୍ବିଧାନକୁ ଦାପ୍ତରିକ ସ୍ୱୀକୃତି ପ୍ରଦାନ କଲା। ଅନ୍ୟ ଅର୍ଥରେ ଏହି ପବିତ୍ର ସମ୍ବିଧାନ ହିଁ ଦେଶ ଶାସନର ସର୍ବଶ୍ରେଷ୍ଠ ଓ ସର୍ବୋଚ୍ଚ ନିୟାମକ ଗ୍ରନ୍ଥ। ଏହା ଦେଶର ଦର୍ପଣ ସଦୃଶ, ଯେଉଁଠି ଆଇନ ପ୍ରଣୟନକାରୀ, ଆଇନ କାର୍ଯ୍ୟକାରୀ ଓ ଆଇନ ସୁରକ୍ଷାକାରୀ ଏହି ତିନି ବର୍ଗର ପ୍ରତିନିଧିମାନେ ନିଜ ନିଜର କାର୍ଯ୍ୟ ସଂପାଦନରେ ପ୍ରତିଦିନ ମୁହଁ ଦେଖିଥାନ୍ତି। ଦେଶର ସାର୍ବଭୌମତ୍ୱ ରକ୍ଷା ଦିଗରେ ଏହା ବେଦ ବା ଗୀତା ସଦୃଶ। ଏଭଳି ଏକ ପବିତ୍ର ଗ୍ରନ୍ଥ ରଚନାରେ ଦେଶର ବିଭିନ୍ନ ବର୍ଗର ବହୁ ବୁଦ୍ଧିଜୀବୀ, ଚିନ୍ତାନାୟକ କେତେ ନା କେତେ ପରାମର୍ଶ ଓ ଶ୍ରମଦାନ କରିଛନ୍ତି ତାହା ଇତିହାସର ଏକ ଅମର ଅଧ୍ୟାୟ ହୋଇ ରହିଛି।

ସତସଙ୍ଗର ପ୍ରାଣପୁରୁଷ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ଗ୍ରନ୍ଥ ସତ୍ୟାନୁସରଣରେ ଭାରତବାସୀଙ୍କୁ ଆହ୍ୱାନ ଜଣାଇଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂର୍ତ୍ତ ଭଗବାନ ଅସୀମ ହୋଇ ଉଠିଛନ୍ତି - ଋଷିଙ୍କୁ ବାଦ ଦେଇ ଋଷି ବାଦର ଉପାସନା ଆରମ୍ଭ ହୋଇଛି। ଭାରତ ! ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ, ତେବେ ସମ୍ପ୍ରଦାୟଗତ ବିରୋଧ ଭୁଲି, ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧାସମ୍ପନ୍ନ ହୁଅ - ଆଉ ତୁମର ମୂର୍ତ୍ତ ଓ ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ, ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି। କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରିହିଁ ପରବର୍ତ୍ତୀଙ୍କର ଆବିର୍ଭାବ। ସମଗ୍ର ମାନବ ଜାତିକୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆହ୍ୱାନ ଦେଇ କହିଲେ - ସର୍ବପ୍ରଥମ ଆତ୍ମମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ। ସାହସୀ ହେବାକୁ ହେବ, ବୀର ହେବାକୁ ହେବ। ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା। ତଡ଼ ଯେତେ ଶୀଘ୍ରପାର ଏହି ରକ୍ତ ଶୋଷଣକାରୀ ଅବସାଦ ଉତ୍ପାଦକ ବାଦୁଡ଼ିକୁ। ସ୍ମରଣ କର ତୁମେ ଶକ୍ତିର ତନୟ, ସ୍ମରଣ କର ତୁମେ ପରମପିତାଙ୍କ ସନ୍ତାନ। ହଟି ଯିବାଟା ବରଂ ଦୁର୍ବଳତା ନୁହେଁ କିନ୍ତୁ ଚେଷ୍ଟା ନକରିବା ହିଁ ଦୁର୍ବଳତା। ତୁମେ କୌଣସି କିଛି କରିବାକୁ ପ୍ରାଣପଣେ ଚେଷ୍ଟା କରି ମଧ୍ୟ ଯଦି ବିଫଳ ମନୋରଥ ହୁଅ, କ୍ଷତି ନାହିଁ ତୁମେ ଛାଡ଼ ନାହିଁ ଏହି ଅମ୍ଳାନ ଚେଷ୍ଟା ହିଁ ତୁମକୁ ମୁକ୍ତି ଆଡ଼କୁ ନେଇଯିବ। ତୁମେ କୁହନା ତୁମେ ଭୀରୁ, କୁହନା ତୁମେ କାପୁରୁଷ, କୁହନା ତୁମେ ଦୁରାଶୟ। ପିତାଙ୍କ ଆଡ଼କୁ ନଜର କର, ଆବେଗଭରେ କୁହ - ହେ ପିତା, ମୁଁ ତୁମରି ସନ୍ତାନ; ମୋର ଆଉ ଜଡ଼ତା ନାହିଁ, ଆଉ ଦୁର୍ବଳତା ନାହିଁ, ମୁଁ ଆଉ କାପୁରୁଷ ନୁହେଁ, ମୁଁ ଆଉ ତୁମକୁ ଭୁଲି ନରକ ଆଡ଼କୁ ଦୌଡ଼ି ଯିବିନାହିଁ, ଆଉ ତୁମର ଜ୍ୟୋତି ଆଡ଼କୁ ପଛକରି ଅନ୍ଧକାର ଅନ୍ଧକାର ବୋଲି ଚିତ୍କାର କରିବି ନାହିଁ। ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ କାଞ୍ଚନ ପ୍ରତି ଆସକ୍ତିରୁ ଆସେ। ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। ପ୍ରତ୍ୟେକଙ୍କ ମା' - ହିଁ ଜଗଜ୍ଜନନୀ। ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ। ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକକୁ ଛୁଇଁବା ଅନୁଚିତ - ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି ମୁଖ ଦର୍ଶନ ନକରିବା ଆହୁରି ଭଲ। ଧର୍ମର ସର୍ବସମନ୍ୱୟୀ ବ୍ୟାଖ୍ୟାରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଲେ - ଧର୍ମ କେବେ ହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହା ବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିୟାନ ଧର୍ମ, ବୌଦ୍ଧ ଧର୍ମ ଇତ୍ୟାଦି କଥା ମୋ ମତରେ ଭୁଲ, ବରଂ ସେ ସବୁ ଗୁଡ଼ିକ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତ ପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ - ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ।

ସତ୍‌ସଙ୍ଗ ଚାହେଁ ଭାରତ ଏକ ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ରାଷ୍ଟ୍ର ହେଉ। ଆମେ କଂଗ୍ରେସ ମୁକ୍ତ ଭାରତ ଚାହୁଁନା, ବା ସଂଘ ମୁକ୍ତ ଭାରତ ଚାହୁଁନା। ଆମେ ଚାହୁଁ ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ଭାରତ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଉଦ୍ଦାମ କଣ୍ଠରେ ଗାଇ ଉଠିଲେ - 'ଆର୍ଯ୍ୟ ଭାରତ ବର୍ଷ ମୋର, ଜ୍ଞାନ ଗରିମା ଗରବିନୀ, ଦ୍ୟୁତିପ୍ରେକ୍ଷା ସ୍ଫୁରକ ପ୍ରଜ୍ଞା, ଦ୍ୟୁଲୋକ ଦୀପକ ମାଳିନୀ, ରକ୍ତ ତପନ କ୍ଷିପ୍ତ ଆଲୋକ, ରଶ୍ମି ପୁଲକ ଝଲକ ଝଲକ, ଦୀପ୍ତ ରିକ୍ତ ପାବକ ଅନଘ, ମୃତ୍ୟୁ ବିଜୟ ଦାୟିନୀ! ହୋମର ଅନଳ ନାଚେ ଛଳ ଛଳ, ବହେ ସରସ୍ୱତୀ ସିନ୍ଧୁ ପ୍ରବଳ, ଦୃଷଦ୍ୱତୀ ଦେଲା ଅର୍ଘ୍ୟ ଆଂଚଳ, ସ୍ଫୁରିତ ଇନ୍ଦୁ ସ୍ମିତ ଟଳ ଟଳ, ଚଲେ ଭାଗିରଥୀ ଡାକେ କଳକଳ, ସାଗର ଧୌତ ଚରଣ ଯୁଗଳ, ତୁଙ୍ଗ ଧବଳ କିରୀଟିନୀ, ଅଯୁତ ରଶ୍ମି ଦୀପ୍ତ କେନ୍ଦ୍ର, ପୁରୁଷୋତ୍ତମ ଚିର ଅତନ୍ଦ୍ର, ଜାଗେ ଆହ୍ୱାନ ବିପୁଳ ମନ୍ଦ୍ର, ଅମର ଲପନା ଜୀବନ ସାନ୍ଦ୍ର, ଆର୍ଯ୍ୟ ଗରିମା ଗଭୀର ମନ୍ତ୍ର, ଛଲକି ସତ୍ତା ଏକଟି ତନ୍ତ୍ର, ଭାରତ ବିଶ୍ୱ ରତାୟିନୀ'। ଶ୍ରୀ ଶ୍ରୀ ଠାକୁର ଅତି ଦୃଢ଼ ଚିତ୍ତରେ ଘୋଷଣା କଲେ - ତୁମେ, ଠିକ୍ ଠିକ୍ ଜାଣ ଯେ, ତୁମେ ତୁମର, ତୁମ ନିଜ ପରିବାରର, ଦଶର ଏବଂ ଦେଶର ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଦାୟୀ।


ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ


# ବିଶ୍ୱାସର ମହାକୁମ୍ଭ ଓ ତୀର୍ଥରାଜ ପ୍ରୟାଗ


॥ ଡ଼ଃ.ଅରୁନ୍ଧତୀ ଦେବୀ ॥


ତପୋଭୂମି ପ୍ରୟାଗରାଜ କେବଳ ଏକ ଭୌଗୋଳିକ ଭୂଖଣ୍ଡ ନୁହେଁ, ଏହା ଆଧ୍ୟାତ୍ମିକ ଅନୁଭୂତିର କ୍ଷେତ୍ର। ପ୍ରୟାଗରାଜରେ ଧର୍ମ, ର୍ଥ, କାମ ଓ ମୋକ୍ଷ ପ୍ରାପ୍ତି ହୋଇଥାଏ। ସାଧୁ ସଦାନନ୍ଦଙ୍କ କହିବାନୁଯାୟୀ, ହଜାର ହଜାର ବର୍ଷ ଧରି ଚାଲି ଆସୁଥିବା ଆଧ୍ୟାତ୍ମିକ ଓ ସାଂସ୍କୃତିକ ଯାତ୍ରାର ଜୀବନ୍ତ ପ୍ରତୀକ ହେଉଛି ମହାକୁମ୍ଭ। ଏହି ଭବ୍ୟ ମେଳା ଧର୍ମ, ଜ୍ଞାନ, ଭକ୍ତି ଓ କଳାର ଏକ ଦିବ୍ୟ ସମାଗମ। ପ୍ରୟାଗରେ ସ୍ନାନ କରୁଥିବା ବ୍ୟକ୍ତି ପାପରୁ ମୁକ୍ତି ପାଇଥାଏ ବୋଲି ବିଶ୍ୱାସ ରହିଛି। ରାଜା ସମ୍ରାଟଙ୍କ ଯୁଗ ହେଉ ଅଥବା ଶହ ଶହ ବର୍ଷର ବ୍ରିଟିଶ ଦାସତ୍ୱର ଯୁଗ, ବିଶ୍ୱାସର ଏହି ପ୍ରବାହ କେବେ ବନ୍ଦ ହୋଇନାହିଁ। କୁମ୍ଭ ହେଉଛି ମନୁଷ୍ୟର ଅଭ୍ୟନ୍ତରୀଣ ଚେତନା। ଯେଉଁ ଚେତନା ସ୍ୱତଃ ଜାଗ୍ରତ ହୋଇଯାଏ ଏବଂ ଭାରତର କୋଣଅନୁକୋଣରୁ ଲୋକଙ୍କୁ ସଙ୍ଗମ କୂଳକୁ ଆକର୍ଷିତ କରିଥାଏ।

କୁମ୍ଭମେଳାର ଉଲ୍ଲେଖ ପୁରାଣରେ ଥିଲେ ବି ଏହି ସଂଗଠିତ ଉତ୍ସବର ଏକ ଇତିହାସ ମଧ୍ୟ ରହିଛି ଯାହା ହଜାର ହଜାର ବର୍ଷରେ ଅଧିକ ବିକଶିତ ହୋଇଛି। ଐତିହାସିକ ସଂଦର୍ଭରୁ ଦାବି କରାଯାଏ ଯେ ଏହି ଆୟୋଜନ ଦୁନିଆର ସବୁଠୁ ବଡ଼ ଧାର୍ମିକ ମେଳା। କିଛି ପ୍ରାଚୀନ ଶିଳାଲେଖାରୁ ମିଳିଥିବା ପ୍ରାମାଣିକ ତଥ୍ୟ ଅନୁସାରେ ଏକଥା ମଧ୍ୟ ବିଶ୍ୱାସ କରାଯାଇଥାଏ ଯେ ମୌର୍ଯ୍ୟ ଏବଂ ଗୁପ୍ତ ଯୁଗରେ ମଧ୍ୟ କୁମ୍ଭମେଳାର ଅସ୍ତିତ୍ୱ ଥିଲା। ଚୀନର ପରିବ୍ରାଜକ ହୁଏନସାଂ ସପ୍ତମ ଶତାବ୍ଦୀରେ ପ୍ରୟାଗରାଜରେ ଏକ ଭବ୍ୟ ଆୟୋଜନର ଉଲ୍ଲେଖ କରିଥିଲେ, ଯେଉଁଠି ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲ। ସେହି ଆୟୋଜନକୁ ସେ କୁମ୍ଭମେଳା ବୋଲି ସ୍ପଷ୍ଟ ରୂପେ ଉଲ୍ଲେଖ କରିନଥିଲେ ବି ତାଙ୍କର ସେହି ସନ୍ଦର୍ଭ କୁମ୍ଭ ମେଳାକୁ ଇଶାରା କରିଥାଏ ବୋଲି ଐତିହାସିକମାନେ ମତ ଦିଅନ୍ତି।

ମୋଗଲ ସମ୍ରାଟ ଆକବର ପ୍ରୟାଗରାଜର ପବିତ୍ରତାକୁ ମାନ୍ୟତା ଦେଇଥିଲେ ଏବଂ ଏହି କ୍ଷେତ୍ରକୁ ଆହ୍ଲାବାଦ ବୋଲି ନାମକରଣ କରିଥିଲେ। ଆକବରଙ୍କ ଐତିହାସିକ ଅବୁଲ ଫଜଲ ନିଜ ପୁସ୍ତକ 'ଆଇନ-ଏ-ଆକବରି'ରେ ତ୍ରିବେଣୀ ସଙ୍ଗମରେ ଆୟୋଜିତ ବାର୍ଷିକ ମେଳା ଏବଂ ସ୍ନାନ ସମାରୋହ ବିଷୟରେ ବର୍ଣ୍ଣନା କରିଯାଇଛନ୍ତି। ବ୍ରିଟିଶ ପ୍ରଶାସନ ୧୮୫୮ ମସିହାରେ ପ୍ରଥମ ସ୍ୱୀକୃତିପ୍ରାପ୍ତ କୁମ୍ଭ ମେଳାର ଆୟୋଜନ କରିଥିଲେ। ଶ୍ରଦ୍ଧାଳୁମାନଙ୍କ ବିଶାଳ ସମାବେଶ ଦେଖି ବ୍ରିଟିଶ ଅଧିକାରୀମାନେ ସ୍ନାନ ଘାଟ ଏବଂ ପରିମଳ ବ୍ୟବସ୍ଥା ଭଳି ମୌଳିକ ସଂରଚନାରେ ସୁଧାର ଆଣିବା ଆରମ୍ଭ କରିଥିଲେ।

୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ପରେ ଭାରତ ସରକାର ମହାକୁମ୍ଭର ଆୟୋଜନ ନିଜ ହାତକୁ ନେଇଥିଲେ। ୧୯୫୪ ମସିହାରେ କୁମ୍ଭ ମେଳାକୁ ବିଶେଷ ଭାବେ ମନେ ରଖାଯାଏ। କାରଣ ତାହା ପ୍ରଥମ ମେଳା ଥିଲା ଯାହା ପାଇଁ ସମର୍ପିତ ବଜେଟ ଆବଣ୍ଟିତ କରାଯାଇଥିଲା। କୁମ୍ଭର ପ୍ରଥମ ବଜେଟ ପ୍ରାୟ ୧ କୋଟି ୧୦ ଲକ୍ଷ ଟଙ୍କା ଥିଲା। ଏହା ପରଠାରୁ ଏହି ବିଶାଳ ଆୟୋଜନର ପ୍ରବନ୍ଧନରେ ଏକ ନୂଆ ଯୁଗର ଆରମ୍ଭ ହେଲା। କାଳକ୍ରମେ କୁମ୍ଭ ମେଳାରେ ବି ଆଧୁନିକତାର ସ୍ପର୍ଶ ଲାଗିଲା। ୨୦୧୩ ଏବଂ ୨୦୧୯ର କୁମ୍ଭ ମେଳାରେ ଆଧୁନିକ ଟେକ୍ନୋଲୋଜିର ଉପଯୋଗ କରାଗଲା, ଯେଉଁଥିରେ ଡ୍ରୋନ, ଡିଜିଟାଲ ମାନଚିତ୍ର ଏବଂ ମୋବାଇଲ ଆପର ଉପଯୋଗ କରାଗଲା। ଏହାଦ୍ୱାରା ସୁରକ୍ଷା, ମାର୍ଗଦର୍ଶନ ଏବଂ ଗହଳି ନିୟନ୍ତ୍ରଣ ସୁନିଶ୍ଚିତ କରାଯାଇପାରିଲା। ୨୦୧୭ ମସିହାରେ କୁମ୍ଭ ମେଳା ୟୁନେସ୍କୋ ଦ୍ୱାରା ମାନବତାର ଅନନ୍ୟ ସାଂସ୍କୃତିକ ଐତିହ୍ୟ ଭାବେ ମାନ୍ୟତା ଲାଭ କଲା। ବର୍ତ୍ତମାନ ଚାଲିଥିବା କୁମ୍ଭମେଳା 'ମହାକୁମ୍ଭ' ନାମରେ ନାମିତ ଏବଂ ଏହା ଭକ୍ତି, ଶ୍ରଦ୍ଧା, ଆସ୍ଥା ଓ ବିଶ୍ୱାସର ଅଦ୍ଭୁତ ସମନ୍ୱୟ ରୂପେ ସାରା ବିଶ୍ୱବାସୀଙ୍କ ହୃଦୟକୁ ଆନ୍ଦୋଳିତ କରିଛି।


ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

## ପାଉଁଶ ବନ୍ଧ ର୍ନିମାଣ ବନ୍ଦ ଦାବିରେ ଡେରଙ୍ଗ ଗ୍ରାମବାସୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

କଣିହାଁ, :(ମହାଭାରତ) ବିସ୍ଥାପନ କର ନଚେତ ଏନଟିପିସି ପାଉଁଶ ବନ୍ଧ ବନ୍ଦ କର ଦାବିରେ ଡେରଙ୍ଗ ଗ୍ରାମବାସୀ ଗ୍ରାମର ବାରଘରିଆ ତଇଲା ପାଖରେ ଧାରଣାରେ ବସି ଏନଟିପିସିର ଷ୍ଟେଜ -୨ ପାଉଁଶ ବନ୍ଧ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସକାଳେ ଗ୍ରାମ ସଭାପତି ପ୍ରସନ୍ତ ନାୟକ , ସଂପାଦକ ସୁଜିତ ସାହୁ ଓ କୋଷାଧ୍ୟକ୍ଷ ଦିପକ ବେହେରାଙ୍କ ନେତୃତ୍ୱରେ ଗ୍ରାମର ହଜାର ହଜାର ପୁରୁଷ ମହିଳା ଏକ ଶୋଭଯାତ୍ରାରେ ଗ୍ରାମରୁ ଆସି ଧାରଣା ସ୍ଥଳରେ ପହଞ୍ଚିଥିଲେ । ଗ୍ରାମବାସୀଙ୍କ ଠାରୁ ପ୍ରକାଶ ଯେ, ଗ୍ରାମର ସମସ୍ୟା ସମ୍ପର୍କରେ ୧୩/୭/ ୨୦୧୮ ରିଖ ଦିନ ଅନୁଷ୍ଠିତ ହୋଇଥିବା ଆରପିଡିଏସି ବୈଠକରେ ୨୦୨୨ ମସିହା ସୁଧା ଷ୍ଟେଜ -୨ ପାଉଁଶ ପୋଖରୀ ବନ୍ଦ ହେବ ନଚେତ ଗ୍ରାମବାସୀଙ୍କୁ ବିସ୍ଥାପିତ କରାଯିବା ପାଇଁ ନିଷ୍ପତି ହୋଇଥିଲା । କିନ୍ତୁ ୨୦୨୫ ମସିହା ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପାଉଁଶ ପୋଖରୀ ବନ୍ଦ କରାଯାଇ ନାହିଁ । ଯଦ୍ୱାରା ଗ୍ରାମବାସୀ ଏନଟିପିସି ପାଉଁଶ ରେ ଅତିଷ୍ଠ ହେଉଛନ୍ତି । ଏଥିନେଇ ଗ୍ରାମବାସୀ ପକ୍ଷରୁ ଗତ ୩/୧/୨୦୨୫ ରିଖ ଦିନ ପ୍ରଶାସନକୁ ଲିଖିତ ଜଣାଯାଇଥିଲା । ପରେ ଏନଟିପିସି ପକ୍ଷରୁ ଗତ ୯/୧/୨୦୨୫ ରିଖ ଦିନ ଏକ ଗ୍ରାମବାସୀଙ୍କୁ ନେଇ ଏକ ଆଲୋଚନା ହୋଇଥିଲା । ଆଲୋଚନା ରେ କୌଣସି ସୁଫଳ ନମିଳିବାରୁ ଅନ୍ୟ ଏକ ବୈଠକ କରି ସମାଧାନ କରାଯିବ ବୋଲି ନିଷ୍ପତ୍ତି ହୋଇଥଲା । ଯାହା କରାଗଲା ନାହିଁ । ମାତ୍ର ଏନଟିପିସି କର୍ତ୍ତୃପକ୍ଷ ସମସ୍ୟା ର କୌଣସି ସମାଧାନ କରୁନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । କୌଣସି ସମାଧାନ ହୋଇନଥିବା ବେଳେ ଆନ୍ଦୋଳନ ଋଲୁ ରହିଛି ।

## ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତିଗଲେ ୧୦ ଶ୍ରମିକ ଓ ତାଙ୍କ ପରିବାର

(ବସ୍ତା/ମହାଭାରତ) ବସ୍ତା ତହସିଲ ସିଂଲା ଥାନା ରଘୁନାଥପୁର ପଞ୍ଚାୟତ ଆମ୍ବକୁଡୁଚି ଗ୍ରାମରେ ବେଆଇନ ନାଳୀ ଇଟା ଭାଟି ପରିସରରେ ଅଗ୍ନିକାଣ୍ଡ । ହୁତୁ ହୁତୁ ହୋଇ ଜଳିଗଲା ଋଳଛପର ନଡ଼ା କୁଟା ଘର, ଅଳ୍ପକେ ବର୍ତ୍ତିଗଲେ ୧୦ ପରିବାରର କୋଡ଼ିଏ ଶ୍ରମିକ ଓ ତାଙ୍କର ଛୋଟ ପିଲାୟ ପ୍ରାପ୍ତ ସୂଚନା ମୁତାବକ ଗତ କାଲି ରାତ୍ରି ପ୍ରାୟ ନଅଟା ବେଳେ ଆମ୍ବକୁଡୁଚି ସ୍ଥିତ ଟାଟା ଇଟା ଭାଟି ପରିସରରେ ଶ୍ରମିକ ମାନେ ତାଙ୍କ ପିଲା ଛୁଆ ଙ୍କୁ ଧରି ସୋଇଥିବା ବେଳେ କୌଣସି କାରଣ ବସ୍ ଋଳଛପର ନଡ଼ା କୁଟା ଘରେ ଅଗ୍ନିକାଣ୍ଡ ଘଟି ଥିଲା। ସୌଭାଗ୍ୟ ବସ୍ ଅଳ୍ପକେ ବର୍ତ୍ତି ଯାଇଛନ୍ତି



ଶ୍ରମିକ ଓ ତାଙ୍କ ପରିବାର ଲୋକେ ଓ ନିକଟରେ ଥିବା ଅନ୍ୟ ଝାଟି ମାଟି ଘରେ ଶ୍ରମିକା।ଖବର ପାଇ ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଲୋକେ ନିଆଁ କୁ ଆୟତ କରିବାକୁ ଋହିଁ ଥିଲେବି ସବୁ କିଛି ପୋଡ଼ି ପାଉଁଶ ହୋଇଯାଇଥିଲା। ସମସ୍ତ ଲୁଗାପଟା, ଆସବାପତ୍ର ସହିତ ଆଧାର କାର୍ଡ, ଭୋଟ ପରିଚୟ ପତ୍ର, ରାସନ କାର୍ଡ, ପୋଲିଓ କାର୍ଡ ,ବ୍ୟାଙ୍କ ପାସ ବୁକ ଭଳି ଜରୁରୀ କାଗଜ ପତ୍ର ପୋଡି ପାଉଁଶ ହୋଇ ଯାଇଛି । ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ ରୋସେଇ ସରଞ୍ଜାମ, ବାସନ କୁସନ୍ ଇତ୍ୟାଦି ଅତ୍ୟାଧିକ ଗରମରେ ବଙ୍କା ଓ ଚେପା ହୋଇଯାଇଛି। ରାତି ତମାମ ଶୀତ ରାତ୍ରୀରେ ଛୋଟ ପିଲାଙ୍କୁ ଧରି ଖୋଲା ଆକାଶ ତଳେ ରାତି କଟାଇଛନ୍ତି ଶ୍ରମିକ। ସରକାର ଓ ପ୍ରଶାସନ ର ନାକନିଶ ତଳେ ଖୋଲମ୍ ଖୋଲା ମାଳ ମାଳ ବେଆଇନ ନାଳି ଇଟାଭାଟି ଋଲୁଥିଲେ ବି କାର୍ଯ୍ୟାନୁଷ୍ଠାନ ଶୁନ କାହିଁକି । ଶ୍ରମିକ ଙ୍କ ସ୍ୱାର୍ଥ ପାଇଁ ଶ୍ରମ ବିଭାଗ, ବ୍ଲକ ପ୍ରଶାସନ, ତହସିଲ ପ୍ରଶାସନ, ଜିଲ୍ଲା ପ୍ରଶାଶନ, ଏମିତି କି ଖୋଦ ଜିଲ୍ଲାପାଳ କାହିଁକି ଚୁପ୍ ଓ ନୀରବ ଦ୍ରଷ୍ଟା ସାଜିଛନ୍ତି। କିଛି ବଡ ଧରଣର ଅଘଟଣ ଘଟିଥିଲେ କିଏ ଦାୟୀ ରହିଥାନ୍ତ। ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ। ଏନେଇ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଙ୍କ ପ୍ରତିକ୍ରିୟା ନେବାରୁ ସେ କହିଚନ୍ତି କି ଘଟଣାର ତଦନ୍ତ କରାଯାଇ, ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



କୋକସରା,(ମହାଭାରତ): କୋକସରା ବ୍ଲକ ମୋଟେର ପଞ୍ଚାୟତ କୁସୁମଖୁଣ୍ଟି ମିନିଷ୍ଟାଡିୟମ ଠାରେ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଶନିବାର ରେଡ ଟେନିସ ନକ୍ ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ପୂର୍ବତନ ମୋଟେର ଗ୍ରାମ ପଞ୍ଚାୟତ ସରପଞ୍ଚ ଇଂ ସୁଶୀଲ କୁମାର ଶବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦଘାଟନ କରି ଖେଳାଳୀ ଙ୍କୁ ଉତ୍ସାହିତ କରିଥିଲେ । ଉଦଘାଟନୀ ମ୍ୟାଚ୍ ଖଲିଆଭଟା ଓ ଜୁନାଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜୁନାଗଡ଼ ପ୍ରଥମେ ବ୍ୟାଟିଂ କରି ର୍ନିଦ୍ଧାରିତ ୧୦ ଓଭରରେ ୬ ୱିକେଟ୍ ହରାଇ ୧୦୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଖଲିଆଭଟା ଟିମ୍ ଖେଳ ପଡ଼ିଆ କୁ ଓହ୍ଲାଇ ୧୦ ଓଭରରେ ୫ ୱିକେଟ୍ ହରାଇ ୭୨ ରନ୍ ସଂଗ୍ରହ କରିଥିଲା। ଜୁନାଗଡ଼ ଟିମ ୩୦ ରନ ରେ ମ୍ୟାଚ୍ର ବିଜେତା ହୋଇଛି ।ଅମ୍ପିଆର ଭାବରେ ହିରଣ୍ୟ ବେହେରା ଓ ଦୟା କର ଖେଳ ପରିଋଳନା କରିଥିଲେ। ମିହିର ପଣ୍ଡା ସ୍କୋର ବୋର୍ଡ ଦାୟିତ୍ୱ ର୍ନିବାହ କରିଥିଲେ ।ଅଜୁ ନାଏକ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ । ଆୟୋଜକ ଅନୁଷ୍ଠାନର ତୋଫାନ କର, କିଶୋର ରେଡ୍ଡୀ, ଭାଗ୍ୟବାନ ପୁଝାରୀ,ଡିଙ୍ଗର, ହର ପ୍ରମୁଖ ଉପସ୍ଥିତ ରହି ପରିଋଳନାରେ ସହଯୋଗ କରିଥିଲେ।

## ଗଜପତି ଜିଲ୍ଲା ସ୍ତରୀୟ ୧୫ତମ ଜାତୀୟ ଭୋଟର ଦିବସ ପାଳିତ

ଗଜପତି ଜିଲ୍ଲା ସ୍ତରୀୟ ୧୫ତମ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ପ୍ରଥମେ ମହାରାଜଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ଠାରୁ ପେଲେସ୍ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ସଚେତନତା ୱାକାଥନ ଶୋଭାଯାତ୍ରା କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମିଞ୍ଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ପରେ ପେଲେସ ରାଜଦାଣ୍ଡ ସ୍ଥିତ ସମବାୟ ସହରା□ଳ ବ୍ୟାଙ୍କ ପଡ଼ିଆ ଠାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ର୍ନିବାଚନ ଅଧିକାରୀ ଶ୍ରୀଯୁକ୍ତ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଶ୍ରୀଯୁକ୍ତ ଯତୀନ୍ଦ୍ର କୁମାର ପଣ୍ଡା, ଆରକ୍ଷୀ ଅଧିକ୍ଷକ ଗଜପତି, ଶ୍ରୀଯୁକ୍ତ ଏସ୍. ଅନନ୍ଧ, ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି, ଶ୍ରୀ ରାଜେନ୍ଦ୍ର ମିଞ୍ଜ, ଅତିରିକ୍ତ ଜିଲ୍ଲାପାଳ ଗଜପତି, ଡ଼. ଗୁଣନିଧି ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ର୍ନିବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି, ଶ୍ରୀ ଅନୁପ କୁମାର ପଣ୍ଡା, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଓ ଶ୍ରୀମତୀ ର୍ନିମଳା ସେଠୀ, ଅଧକ୍ଷା ପୌରପରିଷଦ ପାରଳାଖେମୁଣ୍ଡି ପ୍ରମୁଖ ମଞ୍ଚାଷିନ ଥିଲେ ।ଜିଲ୍ଲାପାଳ ତଥା ଜିଲ୍ଲା ର୍ନିବାଚନ ଅଧିକାରୀ ନିଜ ବକ୍ତବ୍ୟର



ଜଣାଇ ଥିଲେ ଯେ,ଆମ ସମ୍ବିଧାନ ଭାରତର ପ୍ରତ୍ୟେକ ନାଗରିକଙ୍କୁ ଭୋଟ ଦେବା ଅଧିକାର ରହିଛି । ଏଣୁ ପ୍ରତ୍ୟେକ ନିଜ ନିଜ ଅଧିକାର ସାବ୍ୟସ୍ତ କରିବା , ତେବେ ଯାଇ ଆମେ ସୁଦୃଢ ଦେଶ ଗଠନ କରି ପାରିବା । ଏଣୁ ପ୍ରତ୍ୟେକ ଜନସାଧାରଣ ଦେଶ ଗଠନରେ ସାମିଲ ହୋଇ ରାଷ୍ଟ୍ରକୁ ସମୃଦ୍ଧି ପଥରେ ଆଗେଇ ନେବା ଜରୁରୀ ବୋଲି କହିଛନ୍ତି। ଅନ୍ୟ ସମସ୍ତ ସମ୍ମାନିତ ଅତିଥି ମାନେ ନିଜ ନିଜ ଭକ୍ତବ୍ୟ ରେ କହିଥିଲେ ଯେ ଭୋଟ ଦେବାର ସମସ୍ତଙ୍କର ଅଧିକାର ରହିଛି ଓ ଭୋଟ ଦାତାଙ୍କ ଭୂମିକା ଏବଂ ଭୋଟ ତାଲିକା ସଂଶୋଧନର ପ୍ରକ୍ରିୟାକରଣ , ନିଜ ନାମକୁ ଭୋଟର ପରିଚୟ ରେ ପଞ୍ଜିକରଣ କରାଇବାକୁ କହିଥିଲେ । ବିଶେଷ କରି ଯୁବ ପିଢ଼ିଙ୍କୁ ଭୋଟ ଦାନ କରିବା ସକାଶେ ଉତ୍ସାହିତ କରିଥିଲେ। ଜିଲ୍ଲା ର୍ନିବାଚନ ଅଧିକାରୀ ତଥା ଜିଲ୍ଲାପାଳ ମତଦାତା ଙ୍କ ସଂକଳ୍ପ ଉପସ୍ଥିତ ଥିବା ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ପରେ ପରେ କାର୍ଯ୍ୟକ୍ରମୁ ଅଧିକ ରମା□କ କରିବା ପାଇଁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଋରି ଜଣଙ୍କୁ ଶହେ ବର୍ଷରୁ ଉର୍ଦ୍ଧ ବୟସ୍କ ଭୋଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଦିବ୍ୟାଙ୍ଗ ଭୋଟର ମାନଙ୍କୁ ମଧ୍ୟ ଭୋଟ ପରିଚୟ ପ୍ରଦାନ କରାଯାଇଛି। ପରେ ପରେ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ଜାତୀୟ ଭୋଟର ଦିବସ ଅବସରରେ କୁଇଜ୍ ପ୍ରତିଯୋଗିତା ମଧ୍ୟ କରାଯାଇ ବିଜେତାଙ୍କୁ ପୁରସ୍କୃତ କରାଯାଇଛି ।ସେହିପରି ନୂତନ ଭାବେ ଭୋଟର ଦାତା ମାନଙ୍କ ମଧ୍ୟରେ ଦିଭ୍ୟାଙ୍ଗ, ଆଦିମ ଜନଜାତି ଓ ଅନ୍ୟ ବର୍ଗର ନୂତତ ଭୋଟ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରଯାଇଥିଲା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମରେ ଡେପୁଟୀ କଲେକ୍ଟର ଶ୍ରୀମତୀ ସୁଚେଶ୍ମିତା ମାଝୀ, ଶ୍ରୀ ଗୌର ଚନ୍ଦ୍ର ପଟ୍ଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋଷାଣୀ ସମେତ ବିଭିନ୍ନ ବିଭାଗର ଅଧିକାରୀ ,ବିଭାଗୀୟ କର୍ମଚରୀ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ବରିଷ୍ଠ ନାଗରିକ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ଓସା ର ୧୫ତମ ରାଜ୍ୟସମ୍ମିଳନୀ ରେ ସମ୍ମାନିତ ହେଲେ ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ

ଗୋଲାମୁଣ୍ଡା(ମହାଭାରତ): ଭୁବନେଶ୍ୱର ସ୍ଥିତ ବୁଦ୍ଧବିହାର ଠାରେ ଆୟୋଜିତ ଓଡିଶା ସୂଚନା ଅଧିକାର ଅଭିଯାନର ୧୫ ତମ ରାଜ୍ୟ ସମ୍ମିଳନୀ ରେ ସୂଚନା ଅଧିକାର କର୍ମୀ ତଥା ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ଶ୍ରୀଯୁକ୍ତ ବିନ୍ଦୁ ମହାନନ୍ଦ ପୁରସ୍କୃତ ହୋଇଛନ୍ତି। ଏହି ସମ୍ମିଳନୀ ରେ ମୁଖ୍ୟ ଅତିଥି ଭାବରେ ଆଇନ,ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ,ପୂର୍ବତନ ମୁଖ୍ୟ ସାଶନ ସଚିବ ଶ୍ରୀଯୁକ୍ତ ସହଦେ ସାହୁ,ଏନସିପିଆରଆଇ ଆବାହକ ଶ୍ରୀମତୀ ଅଞ୍ଜଳି ଭରତଦ୍ୱାଜ ମୁଖ୍ୟ ବକ୍ତା ଓ ଏନସିପି ଆର ଆଇ ସହ ଆବାହକ ଅମ୍ରିତା ଲୋରି,ଓସା ରାଜ୍ୟ ଆବାହକ ଶ୍ରୀଯୁକ୍ତ ପ୍ରଦୀପ ପ୍ରଧାନ,ବରିଷ୍ଠ ସାମ୍ବାଦିକ ରବି ଦାସ ଓ ସତ୍ୟ ପ୍ରକାଶ ନାଏକ ପ୍ରମୁଖ ମଞ୍ଚାସିନ ହୋଇଥିଲେ ।ଓଡିଶା ସୂଚନା ଅଧିକାର ଅଭିଯାନର ମାଧ୍ୟମରେ ପ୍ରଶାସନ ଓ ସରକାର ଙ୍କୁ ଅନେକ ତଥ୍ୟ ମାଗିବା ସହ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରି ପର୍ଦାଫାସ କରିଥିଲେ । ପ୍ରଶାସନ ଓ ରାଜନେତା ମାନେ ପ୍ରତିଶୋଧ ପରାୟଣ ହୋଇ ବିନ୍ଦୁ ମହାନନ୍ଦ ଙ୍କୁ ବାରମ୍ବାର ମିଛ କେଶ ରେ ଛନ୍ଦି ଦେଇ ଜେଲ କୁ



ପଠେଇଦେଇଥିଲେ । ଯାହାରିଫଳରେ ଶ୍ରୀ ମହାନନ୍ଦ ଜେଲ ରୁ ବାହାରିବା ପରେ ମଧ୍ୟ ଅନେକ ଗୁଡିଏ ସରକାରୀ ଅର୍ଥ ର ଦୁର୍ନୀତି ଓ ଜିଲ୍ଲା ପ୍ରଶାସନ ର ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରି ଦୁର୍ନୀତି ର ପର୍ଦାଫାସ ସହ ଅହରହ ଜନସେବା କରି ଋଲିଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ତାଙ୍କୁ ଓସା ୧୫ତମ ରାଜ୍ୟସ୍ତରୀୟ ସମ୍ମିଳନୀରେ ପୁରସ୍କୃତ କରାଯାଇଛି । ପୁରସ୍କୃତ ହେବା ପରେ ଶ୍ରୀ ମହାନନ୍ଦ ଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି ।

## ହିନ୍ଦୋଳ ଏନ୍ ଏ ସି ଭର୍ମି କମ୍ପୋଷ୍ଟ ସାରବସ୍ତା ଓଜନ ମାପରେ କେଳେଙ୍କାରୀ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍ ଏ ସି ରେ କୋଟି କୋଟି ଟଙ୍କାର ଦୁର୍ନୀତି ଭିଜିଲାନ୍ସ ତଦନ୍ତ ଦାବି ହେଉଥିବାବେଳେ ଏହାର ଭର୍ମି କମ୍ପୋଷ୍ଟ୍ ସାର ବସ୍ତା ବିକ୍ରୟରେ ମହାଦୁର୍ନୀତିରେ ଗନ୍ଧ ପଦାକୁ ଆସିଛି ।ଖବରରୁ ପ୍ରକାଶ ପୀଡିତ ଋଷୀ ଏନ୍ ଏସି କାର୍ଯ୍ୟାଳୟରେ ଅଭିଯୋଗ କରିବାକୁ ଯାଇଥିବାବେଳେ ନୂତନ ର୍ନିବାହୀ ଅଧିକାରୀ ତାନକ୍ଷସାହି ରୁବାବ ଦେଖାଉ ନାଲିଆଖି ଦେଖାଉଥିବା ଜଣା ପଡିଛିୟ ଋଷୀ ଜଣଙ୍କୁ ନୂତନ ଯୋଗଦାନ କରିଥିବା ର୍ନିବାହୀ ଅଧିକାରୀ କୁଆଡେ ନାଲି ଆଖି ଦେଖାଇ କାହିଁକି ଉଚ୍ଚ ସ୍ୱରରେ ପାଟି କରୁଚ ବୋଲି କହିବା ସହ ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ସରକାରଙ୍କୁ ଜଣାଇଲେ ବି କେହି ମୋର କିଛି ବିଗାଡି ପାରିବେ ନାହି ବୋଲି ଧମକଥିଲେୟ ଘଟଣାରୁ ପ୍ରକାଶ ଯେ ଆଜି ଏନ୍ ଏ ସି ଅନ୍ତର୍ଗତ ୯ ନଂ ୱାର୍ଡ ରୁପାଳିସାହିର କୀର୍ତ୍ତନ ନାଏକ ନାମକ ଜଣେ ଗରିବ ଭାଗଋଷୀ ଯିଏ କି ସ୍ଥାନୀୟ ନୂତନପାଟଣା ସାହିର ସରୋଜ ଭୁତିଆ ନାମକ ଜମି ମାଲିକଙ୍କ ବଗିଋରେ ଆଳୁ, ବାଇଗଣ, ବିନ୍ , ଟମାଟୋ ଆଦି ପନିପରିବା ଋଷ କରନ୍ତିୟ ସେଥି ମଧ୍ୟରୁ ଆଳୁ ଗଛ ଝାଉଁଳି ଯିବା ଯୋଗୁଁ ଉଭୟେ କଥା ବାର୍ତ୍ତା ହୋଇ ଆଜି ଏନ୍ ଏ ସି ୯ ନଂ ୱାର୍ଡ ମାଟିଆ ସାହି ସ୍ଥିତ କଂପୋଷ୍ଟ ପ୍ରସ୍ତୁତି ୟୁନିଟକୁ ଯାଇ ୫୦ କେଜି ସାର ପାଇଁ ୫୦୦ ଟଙ୍କା ପୈଠ କରିଥିଲେ। ଯାହାର କୌଣସି ରସିଦ ଋଷୀ କୀର୍ତ୍ତନକୁ ମିଳି ନଥିଲାୟ ତେବେ ସାର ବସ୍ତା ହାଲୁକା ଲାଗିବା ଅନୁଭବ କରି କୀର୍ତ୍ତନ ଓ ଜମି ମାଲିକ ସରୋଜ ଏକାଠି ଆସି ଅନ୍ୟତ୍ର ଓଜନ କରିବାରୁ ସେଥିରେ ସମୁଦାୟ ୨୭ କେଜି ୫ ଶହ ୧୦ ଗ୍ରାମ ଥିବା ଜଣା ପଡି ଥିଲାୟ ସହସା ଉଭୟେ ଏନ୍ ଏ ସି କାର୍ଯ୍ୟାଳୟକୁ ଯାଇ ଏହିଭଳି ଅନ୍ୟମି□ତା କାହିଁକି ବୋଲି ଆଲୋଚନା କରିଥିଲେ। ଏହା ଶୁଣି ଏନ୍ ଏ ସି କାର୍ଯ୍ୟ ର୍ନିବାହୀ ଅଧିକାରୀ ସେମାନଙ୍କ ନିକଟକୁ ଆସି ରାଗି ଯାଇ କାହିଁକି ଉଚ୍ଚ ସ୍ୱରରେ ପାଟି କରୁଚ ? ଲିଖିତ ଅଭିଯୋଗ ନେଇ ଆସ ବୁଝା ଯିବ ବୋଲି କହିବା ସହ ଏନେଇ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ ସରକାରଙ୍କୁ ଜଣାଇଲେ ବି କେହି କିଛି କରି ପାରିବେ ନାହିଁ ବୋଲି ଉଡାଣୀଆ କଥା ବାର୍ତ୍ତା କରିଥିଲେ। ଉକ୍ତ କଂପୋଷ୍ଟ୍ ୟୁନିଟରୁ ପୂର୍ବରୁ କୃଷି, ଉଦ୍ୟାନ ବିଭାଗ ଓ ସମବାୟ ବିଭାଗ ଏବଂ ଏନ୍ ଏ ସିର ବିଭିନ୍ନ ୱାର୍ଡର ଋଷୀ ମାନେ ଅନେକ ସାର ବସ୍ତା ନେଇ ଏହିଭଳି ଠକାମୀର ଶିକାର ହୋଇଥିବା ନେଇ ଅସନ୍ତୋଷ କୁହୁଳୁ ଥିଲା। ଦୀର୍ଘ ତିନି ଋରି ବର୍ଷ ହେବ ଏହି ଭଳି ମାପ ଓଜନରେ ଠକେଇ କରି କାମ୍ପୋଷ୍ଟ ୟୁନିଟ ଦାୟିରେ ଥିବା କର୍ମଋରୀ ଓ ଅଧିକାରୀ କେତେ ଜେ ଅର୍ଥ ହରି ଲୋଟ କରି ନଥିବେ ସାଧାରଣରେ ଆଲୋଚନା ହେଉଛି। ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ସହ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହି ଘଟଣାରେ ଦୃଢ଼ ପଦକ୍ଷେପ ନେବାକୁ ଏହି ଅଞ୍ଚଳର ଋଷୀ କୂଳ ଓ ଜନସାଧାରଣ ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ୧୫ତମ ଜାତୀୟ ଭୋଟର ଦିବସ ପାଳିତ

ଗଜପତି(ମହାଭାରତ): ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀଯୁକ୍ତ ବିଭୁତି ଭୁଷଣ ଜେନା ଆଜି ଦିନିକିଆ ଗଜପତି ଜିଲ୍ଲା ଗସ୍ତରେ ଆସି ମହେନ୍ଦ୍ରଗିରି କମିଟି ବିକାଶ ମୂଳକ କାର୍ଯ୍ୟର ସମିକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ଶ୍ରୀଯୁକ୍ତ ବିଜୟ କୁମାର ଦାଶ, ଜିଲ୍ଲାପାଳ ଗଜପତି, ଶ୍ରୀ ଯତୀନ୍ଦ୍ର କୁମାର ପଣ୍ଡା,ଆରକ୍ଷୀ ଅଧିକ୍ଷକ ଗଜପତି, ଶ୍ରୀ ଏସ.ଆନନ୍ଧ, ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି, ପ୍ରମୁଖ ମଞ୍ଚାସିନ ଥିଲେ। ପବିତ୍ର ମହେନ୍ଦ୍ରଗିରି ପର୍ବତ ରେ ଅଧିକରୁ ଅଧିକ କିପରି ବିକାଶ ହୋଇପାରିବ ସେ ନେଇ ସ୍ଥାନୀୟ ସମସ୍ତ ଜନପ୍ରତିନିଧି ମାନଙ୍କ ଉପସ୍ଥିତିରେ ସମୀକ୍ଷା କରାଯାଇଛି। ମହେନ୍ଦ୍ର ଗିରି ପର୍ଯ୍ୟଟନ ସ୍ଥଳୀରେ ଦେଶ ବିଦେଶର ବହୁ ପର୍ଯ୍ୟଟକ ଆସୁଛନ୍ତି। ଏଣୁ ଏହି ପବିତ୍ର ମହେନ୍ଦ୍ରଗିରି ର ବିକାଶ କରିବା ସମସ୍ତଙ୍କର କର୍ତ୍ତବ୍ୟ ରହିଛି । ଏହି ପର୍ବତରେ ବହୁ ଔଷଧୀୟ ବୃକ୍ଷ ରହିଅଛି,ଏହାକୁ ସୁରକ୍ଷା କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ମହେନ୍ଦ୍ରଗିରି ପର୍ବତର ଅଧିକ ରୁ ଅଧିକ ଗବେଷଣା କରିବାର ଆବଶ୍ୟକତା ରହିଛି ବୋଲି ମାନ୍ୟବର ମନ୍ତ୍ରୀ ମତ ପୋଷଣ କରିଛନ୍ତି । ସେହିପରି ବିକାଶ ନିମନ୍ତେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବ, ଏହି କମିଟିରେ ସ୍ଥାନୀୟ ଅଧିବାସୀଙ୍କୁ ପ୍ରାଧାନ୍ୟ ଦିଆଯିବ । ଏହି ପବିତ୍ର ମହେନ୍ଦ୍ରଗିରି ପର୍ବତରେ ଯୋଗୀ ଋଷି ମାନଙ୍କ ପାଇଁ ଏକ ଆଶ୍ରମ କରାଯିବ। ସଂଗ୍ରହାଳୟ ପ୍ରତିଷ୍ଠା କରାଯାଇ ମହେନ୍ଦ୍ରଗିରିର ଐତିହାସିକ ବିଷୟବସ୍ତୁ ସ୍ଥାନିତ ହେବ ଏବଂ ପର୍ଯ୍ୟଟକଙ୍କ ପାଇଁ ଅତ୍ୟାଧୁନିକ ପାର୍କ ବ୍ୟବସ୍ଥା କରାଯିବ। ସେହିପରି ପର୍ଯ୍ୟଟନ କୁ



ପ୍ରାଧାନ୍ୟ ଦେବାପାଇଁ କେବୁଲ ପରିବହନର ରୋପୱେ ଟାୱାର ସ୍ଥାପନ କରାଯିବ । ଭୀମ ମନ୍ଦିର ଠାରୁ ଦାରୁବ୍ରହ୍ମ ପର୍ଯ୍ୟନ୍ତ ଅଭିନବ ସ୍ଲ ଟ୍ରେନ୍ ର ଚଳା ଚଳ ପାଇଁ ନୂତନ ପଦକ୍ଷେପ ନିଆଯିବ। ଯୁଧିଷ୍ଠିର ମନ୍ଦିର ନିକଟରେ ସୂର୍ଯ୍ୟ ଉଦୟ ଓ ସୂର୍ଯ୍ୟ ଅସ୍ତ ଦେଖିବା ପାଇଁ ଏକ ଗ୍ୟାଲୋରି ର୍ନିମାଣ କରାଯିବ। ବୁରୁଖତ ରୁ ମନ୍ଦିର ପର୍ଯ୍ୟନ୍ତ ଆଲୋକର ବ୍ୟବସ୍ଥା କରାଯିବ। ପରିବେଶ ପ୍ରଦୂଷଣକୁ ରୋକିବା ପାଇଁ ବ୍ୟାଟେରୀ ଋଳିତ ଗାଡିର ଅଭିନବ ବ୍ୟବସ୍ଥା କରାଯିବ। କଇଁପୁର ଠାରେ ଏକ ନୂତନ ଥାନା ସ୍ଥାପନ କରିବାକୁ ରାଜ୍ୟ ସରକାରଙ୍କ ତରଫରୁ କରାଯିବ ଓ ଏହି ଥାନା ଅଧୀନରେ ଏକ ଆଉଟ୍ ପୋଷ୍ଟ ଥାନା ମହେନ୍ଦ୍ରଗିରି ଠାରେ ସ୍ଥାପନ କରାଯିବ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଡ୍ରନ୍ ଦ୍ୱାର ସର୍ଭେକ୍ଷଣ କରାଯିବ । ସ୍ଥାନୀୟ ଅଧିବାସୀ ମାନକୁ ମାର୍ଗ ଦର୍ଶକ ତଥା ସେଚ୍ଛା ସେବୀ ବାଭରେ ନିଯୁକ୍ତି ଦିଆଯିବ। ଏହି ସମସ୍ତ ଉନ୍ନୟନ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଆରମ୍ଭ କରିବାକୁ ମାନ୍ୟବର ମନ୍ତ୍ରୀ କହିଛନ୍ତି ।ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଶ୍ରୀ ଅନୁପ ପଣ୍ଡା,ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ପୂର୍ଣ୍ଣବାସି ନାୟକ,ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସୁଧୀର ସିଂ ଓ ସ୍ଥାନୀୟ ସମସ୍ତ ଜନପ୍ରତିନିଧି ଓ ଜନସାଧାରଣ ଉପସ୍ଥିତ ଥିଲେ।


## ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

କୋକସରା,(ମହାଭାରତ): କୋକସରା ବ୍ଲକ ମୋଟେର ପଞ୍ଚାୟତ କୁସୁମଖୁଣ୍ଟି ମିନିଷ୍ଟାଡିୟମ ଠାରେ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଶନିବାର ରେଡ ଟେନିସ ନକ୍ ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ପୂର୍ବତନ ମୋଟେର ଗ୍ରାମ ପଞ୍ଚାୟତ ସରପଞ୍ଚ ଇଂ ସୁଶୀଲ କୁମାର ଶବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦଘାଟନ କରି ଖେଳାଳୀ ଙ୍କୁ ଉତ୍ସାହିତ କରିଥିଲେ । ଉଦଘାଟନୀ ମ୍ୟାଚ୍ ଖଲିଆଭଟା ଓ ଜୁନାଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜୁନାଗଡ଼ ପ୍ରଥମେ ବ୍ୟାଟିଂ କରି ର୍ନିଦ୍ଧାରିତ ୧୦ ଓଭରରେ ୬ ୱିକେଟ୍ ହରାଇ ୧୦୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଖଲିଆଭଟା ଟିମ୍ ଖେଳ ପଡ଼ିଆ କୁ ଓହ୍ଲାଇ ୧୦ ଓଭରରେ ୫ ୱିକେଟ୍ ହରାଇ ୭୨ ରନ୍ ସଂଗ୍ରହ କରିଥିଲା। ଜୁନାଗଡ଼ ଟିମ ୩୦ ରନ ରେ ମ୍ୟାଚ୍ର ବିଜେତା ହୋଇଛି ।ଅମ୍ପିଆର ଭାବରେ ହିରଣ୍ୟ ବେହେରା ଓ ଦୟା କର ଖେଳ ପରିଋଳନା କରିଥିଲେୟ ମିହିର ପଣ୍ଡା ସ୍କୋର ବୋର୍ଡ ଦାୟିତ୍ୱ ର୍ନିବାହ କରିଥିଲେ ।ଅଜୁ ନାଏକ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ । ଆୟୋଜକ ଅନୁଷ୍ଠାନର ତୋଫାନ କର, କିଶୋର ରେଡ୍ଡୀ, ଭାଗ୍ୟବାନ ପୁଝାରୀ,ଡିଙ୍ଗର, ହର ପ୍ରମୁଖ ଉପସ୍ଥିତ ରହି ପରିଋଳନାରେ ସହଯୋଗ କରିଥିଲେ।


## ଧୂଳିଗଡ଼ ଜଙ୍ଗଲରୁ କାଠ ଓ ମୋରମ ଲୁଟ: ବିପଦରେ ଜଙ୍ଗଲ

ଦାନଗଦୀ :( ମହାଭାରତ) ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ଜଙ୍ଗଲ ଟି ବହୁ ପୁରାତନ, ଦୁଃଖ ର କଥା ଧୀରେ ଧୀରେ ଲୋପ ପାଇବା ରାସ୍ତା ରେ ଏହି ଜଙ୍ଗଲ,ଅସାମାଜିକ ଲୋକ ଙ୍କ ଆଡାସ୍ଥଳୀ ପାଲଟିଥିବା ଜଙ୍ଗଲଟି ରେ ଏବେ ଗଛ କଟା ଓ ମୋରମ ଖୋଳା ର୍ନିଭୟରେ ଋଲିଛି , ଦିନ ଦି ପ୍ରହର ରେ ଅବାଧ ରେ ଜଙ୍ଗଲ ଲୁଟ ଋଲିଛି, ବନ ବିଭାଗ ଶୋଇଛି।୩୦ ଏକର ବିଶିଷ୍ଟ ଏହି ପୁରାତନ ଜଙ୍ଗଲ ଟି ଶିଳ୍ପା□ଳ ପାଖରେ, ଏହାକୁ ବ□ାଇ ରଖିଲେ ପରିବେଶ ପ୍ରଦୂଷିତ ହୁଅନ୍ତା ନାହିଁ,। ଏହି ଜଙ୍ଗଲ ଟିରେ ବହୁ ଔଷଧୀୟ ଗଛ ସହ ଶାଳ, ଋକୁଣ୍ଡା, ପିଆଶାଳ,ଆକାଶୀଆ, ଅର୍ଜୁନ ଆଦି ବହୁ ମୂଲ୍ୟବାନ ଗଛ ଲୋପ ପାଉଛି ।କୋଟି କୋଟି ଟଙ୍କା ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଆସୁଛି କିନ୍ତୁ ପୁରୁଣା ଜଙ୍ଗଲ କୁ ସୁରକ୍ଷା ପାଇଁ କାହାର ନଜର ନାହିଁ। ଏହି ଜଙ୍ଗଲ ପାଖରେ ବେଆଇନ ଭା ରେ ଜୁଆ ଖେଳ, କୁକୁଡ଼ା ଲଢେଇ ଓ ବିଭିନ୍ନ ଅସାମାଜିକ କାର୍ଯକଳାପ ବୃଦ୍ଧି ପାଉଛି, ରାତିରେ ଚୋର ମାନଙ୍କ ର ଆଡ୍ଡା ସ୍ଥଳୀ ପାଲଟିଛି, ଜଙ୍ଗଲ ଭିତରୁ ମୋରମ ଲୁଟୁ ଋଲିଛି।୨୦ ଟ୍ରିପ ରୁ ଅଧିକ ମୋରମ କିଛି ଦିନ ଭିତରେ ଉଠି ଗଲାଣି,ଚୋରା ଦେଶୀ



ମଦ ବେପାରୀଙ୍କ ଆଡ୍ଡା ସ୍ଥଳୀ ହୋଇଛି। ଏହି ଜଙ୍ଗଲକୁ ଲାଗି ରହିଥିବା ସାହିର କିଛି ଲୋକ ଦେଶୀ ମହୁଲି ଜଙ୍ଗଲ ଭିତରେ ଲୁଋଇ ର୍ନିଭୟରେ ବିକୁଛନ୍ତି ।ପୋଲିସ ସବୁ ଜାଣି କାହା ଋପରେ କି ଆଉ କେଉଁ କାରଣ ରୁ ଚୋରା ମଦ ବେପାରୀଙ୍କୁ ଗିରଫ କରୁନାହିଁ।, ଏ ଜଙ୍ଗଲରେ ଋଲୁଥିବା ବେଆଇନ କାରବାର କୁ ବିରୋଧ କରୁଥିବା ସାମାଜିକ କର୍ମୀଙ୍କ ଉପରେ ଆକ୍ରମଣ ହେଉଛ ।ଏ ସବୁ ଘଟଣା ରେ ପୋଲିସ କିନ୍ତୁ ଚୁପ.. ଦିନ ଦି ପ୍ରହର ରେ ମଦ ବେପାରୀ, ଆକ୍ରମଣକାରୀ ବୁଲୁଥିବା ବେଳେ ପୋଲିସ ଧରୁନାହିଁ, ଜଙ୍ଗଲ ଆଉ ନାହିଁ ଧୀରେ ଧୀରେ ପଦା ହୋଇଗଲାଣି, ଜଙ୍ଗଲ ଭିତରକୁ ଘର ମାଡି ଗଲାଣି, ବନ ବିଭାଗ ଓ ପ୍ରଶାସନ ସମ୍ପୂର୍ଣ୍ଣ ଭା ରେ ନୀରବ ରହିବାର କାରଣ କଣ ହୋଇପାରେ ? ଶିଳ୍ପ ଋରିପାଖରେ ଥିବା ଗାଁ ଗୁଡିକ ପ୍ରଦୂଷଣ ରୁ ରକ୍ଷା ପାଇଁ କାରଖାନା ମାନଙ୍କୁ ବୃକ୍ଷ ରୋପଣ ପାଇଁ ବାରମ୍ବାର ପ୍ରଶାସନ କହୁଥିବା ବେଳେ ଗୋଦାରା କୋଡେ ଯେତେ ମାଡ଼େ ସେତେ ଭଳି ବହୁ ପୁରୁଣା ଜଙ୍ଗଲ ଲୋପ ପାଇଯିବା ପଥରେ, ଚିନ୍ତା ରେ ବୁଦ୍ଧିଜୀବି, ଖାଲି ମଦ ବୋତଲ,ପଲିଥିନ ଓ ଆବର୍ଜନା ରେ ଭର୍ତ୍ତୀ ହେଲାଣି ସବୁଜ ଜଙ୍ଗଲ, ଗୋରୁ ଗାଈ ଏହି ପଲିଥିନ ଗୁଡିକ ଖାଉଛନ୍ତି, ଦାନଗଦି ବଜାର ଓ ମେଡିକାଲ ର ସମସ୍ତ ଆବର୍ଜନା ଗଦା ହେଉଛି ଧୂଳିଗଡ଼ ଜଙ୍ଗଲ, ତେଣୁ ବନ ବିଭାଗ ଓ ପ୍ରଶାସନ ଏଠି ପ୍ରତି ଦୃଷ୍ଟି ଦେଇ ପୁରାତନ ଜଙ୍ଗଲ ଟିକୁ ବଞ୍ଚାଇ ରଖିବାକୁ ସାଧାରଣ ରେ ଦାବୀ ହେଉଛି ।

## ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳିତ ହେଲା ୧୫ ତମ ଜାତୀୟ ମତଦାତା ଦିବସ

ସମ୍ବଲପୁର:(ମହାଭାରତ):ସମ୍ବଲପୁର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆଜି ୧୫ ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନ ରେ ତପସ୍ୱିନୀ ପରିସରରୁ ଲକ୍ଷ୍ମୀ ଟକିଜ ପର୍ଯ୍ୟନ୍ତ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା ଓ ଛାତ୍ରଛାତ୍ରୀ, ଜନସାଧାରଣ, ପ୍ରଶାସନିକ ଅଧିକାରୀ ପ୍ରମୁଖ ଏହି ରାଲିରେ ଯୋଗ ଦେଇଥିଲେ। ଏଠାରେ ଉପସ୍ଥିତ ଅତିଥିମାନେ ଛାତ୍ରଛାତ୍ରୀଙ୍କ ସହିତ ଜାତୀୟ ମତଦାତା ଦିବସ ପାଳନର ଆଭିମୁଖ୍ୟ ଓ ଭୋଟଦାନ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ।ଉକ୍ତ ଦିବସ ଉପଲକ୍ଷେ ତପସ୍ୱିନୀ କକ୍ଷ ଠାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି - ଜିଲ୍ଲାପାଳ, ସମ୍ବଲପୁର ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର(ଆଇ.ଏ.ଏସ), ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୂର୍ଯ୍ୟରୁ କୁମାର ବଳ, ଉପଜିଲ୍ଲାପାଳ, ସଦର ସମ୍ବଲପୁର- ଡ.ପୁଷ୍ପାଞ୍ଜଳି ପଣ୍ଡା, ଉପଜିଲ୍ଲାପାଳ, ରେଢାଖୋଲ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାପାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗଣତନ୍ତ୍ରର ମୁଖ୍ୟ ଉପାଦାନ ଭାବେ ନାଗରିକର ମତଦାନ ଅଧିକାର ସାବ୍ୟସ୍ତ ସହ ଭୋଟଦାନ ସମ୍ପର୍କିତ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ କହିଥିଲେଓ ନାଗରିକଙ୍କୁ ମିଳିଥିବା ମତଦାନର ଅଧିକାର ବ୍ୟବହାର ସହ ଭୋଟ ହାର ବୃଦ୍ଧି କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ତତ୍ସହିତ ନୂତନ ଯୁବ ଭୋଟରଙ୍କୁ ଇଲୋକ୍ଟ୍ରୋରାଲ ଭୋଟିଙ୍ଗ ସିଷ୍ଟମ ରେ ଅନ୍ତର୍ଭୁକ୍ତ ହେବା ପାଇଁ ପ୍ରୋତ୍ସାହିତ କରିଥିଲେ। ଜାତୀୟ ମତଦାତା ଦିବସ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଶୁକଦେବ ମହାନ୍ତ ହେଲେ କେନ୍ଦୁଝର ଜିଲ୍ଲା ବିଜେପି ସଭାପତି



କେନ୍ଦୁଝର(ମହାଭାରତ): କେନ୍ଦୁଝର ଜିଲ୍ଲା ବିଜେପି ଦଳର ସଭାପତି ହେଲେ ଶୁକ ଦେବ ମହାନ୍ତ ଓ ଆଜି ଅପରାହ୍ନ ୪ ଟା ସମୟରେ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଏବଂ ରାଜ୍ୟ ନେତା ଆଶୁତୋଷ ପରିଡା ତେଲକୋଇ ଓ ପାଟଣା ବିଧାୟକ ଙ୍କ ସହ ଜିଲ୍ଲାର ଆନେକ ଦଳିୟ କାର୍ଯ୍ୟକର୍ତ୍ତା ଙ୍କଉପସ୍ଥିତିରେ ନୂତନ ଜିଲ୍ଲା ବିଜେପି ସଭାପତି ଙ୍କ ନାମ ଘୋଷଣା କରିଥିଲେ । ମନ୍ତ୍ରୀ କହିଥିଲେ ଯେ ଦଳର ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଆଜି କେନ୍ଦୁଝର ଜିଲ୍ଲାର ସଭାପତି ଚୟନ କରାଯାଇଛି। ସେପଟେ ଦଳ ମୋ ଉପରେ ଭରଷା କରିଥିବାରୁ ରାଜ୍ୟ ଠାରୁ ଆରମ୍ଭ କରି ସମସ୍ତ ନେତାଙ୍କୁ ଧନ୍ୟବାଦ ଦେବା ସହ ସମସ୍ତ ଙ୍କୁ ସାଙ୍ଗରେ ନେଇ କାମ କରିବି ବୋଲି କହିଛନ୍ତି ଶୁକ ଦେବ ମହାନ୍ତ। ରାଜ୍ୟ ପରିସଦ ସଦସ୍ୟ ଭାବେ କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀ ରୁ କିରଣବାଳା ନାୟକ, ପାଟଣା ରୁ ସୋମବାରୀ ମୁଣ୍ଡା,ତେଲକୋଇ ରୁ ମାନସ ନାଏକ, ଚମ୍ପୁଆ ରୁ ଝରଣା ମହାନ୍ତ ଏବଂ ଦେବପ୍ରସାଦ ମିଶ୍ର,ଆନନ୍ଦପୁର ରୁ ଦଶରଥ ଜେନା, ଘସିପୁରା ରୁ ଅମର ସିଂହଙ୍କ ନାମ ଘୋଷଣା କରାଯାଇଥିଲା।

## ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ



କାକଟପୁର (ମହାଭାରତ):ମହାଭାରତ :ମାନବ ସେବା ହିଁ ମାଧବ ସେବା ମନ୍ତ୍ରରେ ଦିକ୍ଷିତ ମା କଲରେଇ ଚାରିଟେବୁଲ ଟ୍ରଷ୍ଟ ତରଫ ରୁ ଆଜି ୨୫.୧.୨୫ ରିଖ ଶନିବାର ସକାଳୁ କାକଟପୁର ତହସିଲ ସନ୍ନିକଟ ବିଶ୍ୱହିନ୍ଦୁ ଭବନ ଠାରେ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଟିକୁ ହାଇଟେକ୍ ମେଡିକାଲ୍ କଲେଜ ର ମୁଖ ଓ ମାକ୍ସିଲୋଫେସିଆଲ ସର୍ଜନ ଡଃ ସନ୍ଦିପ ଶାସମଲ, ଅସ୍ଥି ସତ୍ୟ ବିଶେଷଜ୍ଞ ଡଃ ବିପ୍ଳବ ବିଶ୍ୱ କେଶରୀ ମହାନ୍ତି, ସର୍ଜନ ଡଃ ସିଦ୍ଧାର୍ଥ ପାତ୍ର , ଅର୍ଥୋ ପେଡିକ୍ ଡଃ ସମ୍ୱିତ ସୌରଭ ଦାସଓ କଲରେଇ ଚାରିଟେବୁଲ ଟ୍ରଷ୍ଟ ର ଅଧକ୍ଷ ଇ ରଞ୍ଜିତ କୁମାର ସ୍ୱାଇଁ, ବରିଷ୍ଠ ଶିକ୍ଷାବିତ ଓ କବି ଡଃ ଚି□ରଞ୍ଜନ ବିଶ୍ୱାଳ,ରାଜ୍ ମିଡ଼ିଆ ଲକ୍ଷ୍ମୀ ଟେଲିଭିଜନ ନେଟୱାର୍କର ନିର୍ଦ୍ଦେଶକ ଡଃ ରାଜେଶ କୁମାର ମାହାନ୍ତି ଏବଂ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ କାବୁଲି ବିଶ୍ୱାଳ, ମିହିର ଦୀକ୍ଷିତ, ଏବଂ ତପି ବାବା ପ୍ରମୁଖ ପ୍ରଦିପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ। କାକଟପୁର, ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଅନେକ ଗ୍ରାମ ର ବୃଦ୍ଧ , ବୟସ୍କ, ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତି ମାନେ ଯୋଗ ଦେଇଥିଲେ। ହାଇଟେକ୍ ମେଡିକାଲ୍ କଲେଜ ର ନର୍ସିଂ ଛାତ୍ର ଛାତ୍ରୀମାନେ ରକ୍ତ ଶର୍କରା, ରକ୍ତଚାପ ଓ କଡିଓଲୋଜିକାଲ ପରୀକ୍ଷା କରି ରିପୋର୍ଟ ଦେବାପରେ ବିଶେଷଜ୍ଞ ଡ଼ାକ୍ତର ମାନେ ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ। ଶିବିର ଟିରେ ଯୋଗ ଦେଇଥିବା ରୋଗୀ ମାନଙ୍କୁ ମାଗଣା ଔଷଧ ବ□ନ କରାଯାଇଥିଲା। ଏହି ଶିବିର ଟିକୁ ବିଶ୍ୱହିନ୍ଦୁ ପରିଷଦ ର କର୍ମୀମାନେ ଓ ଟ୍ରଷ୍ଟ ର ସ୍ୱେଚ୍ଛାସେବୀ ମାନେ ପରିଚାଳନା କରିଥିଲେ। ଏହି ଶିବିର ରେ ୫୦୦ ଜଣ ବରିଷ୍ଠ ନାଗରିକ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେୟ କାକଟପୁର ଅଞ୍ଚଳର ଜନସାଧାରଣ ଓ ବୁଦ୍ଧିଜୀବି ସାମ୍ବାଦିକ ମାନେ ଯୋଗ ଦେଇ କାର୍ଯ୍ୟକ୍ରମ ର ସୁପରିଚାଳନା କରି ଏହା କୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ମା ମଙ୍ଗଳା ଙ୍କୁ ଦର୍ଶନ କଲେ ମହାମାନ୍ୟ ବାଚସ୍ପତି ସୁରମା ପାଢ଼ୀ



କାକଟପୁର(ମହାଭାରତ): ଆଜି ମା ମଙ୍ଗଳା ଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଛନ୍ତି ଓଡିଶା ର ମହାମାନ୍ୟ ବାଚସ୍ପତି ସୁରମା ପାଢ଼ୀ । ଆଜି ଦିବା ୯:୩୦ ମିନିଟ ସମୟ ରେ ସ୍ୱତନ୍ତ୍ର ସୁରକ୍ଷା ରେ ଆସି ମା ମଙ୍ଗଳା ଙ୍କ ପୀଠ ରେ ପହଞ୍ଚିଥିଲେ। ସେଠି ମା ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ଦାସ ତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ମନ୍ଦିର କୁ ସ୍ୱାଗତ କରିଥିଲେ। ମା ଙ୍କ ନିକଟରେ ପ୍ରଦୀପ ଜାଳି ବାଚସ୍ପତି ମହୋଦୟା ଆଶିଷ ଭିକ୍ଷା କରି ପାର୍ଥନା କରିଥିଲେ। ଗର୍ଭ ଗୃହ କୁ ଯାଇ ମା ଙ୍କୁ ଦର୍ଶନ କରି କୃପାଭିକ୍ଷା କରିବା ସହ ମା ଙ୍କୁ ଜଗମୋହନ, ନାଟ୍ୟ ମଣ୍ଡପ, ମା ଙ୍କ ବିଶ୍ରାମ ଶିଳା, ମନ୍ଦିର ଚତୁଃପାର୍ଶ୍ୱ ରେ ଥିବା ଜଗନ୍ନାଥ, ରାଧା ବଲ୍ଲଭ, ବରାହ, ନରସିଂହ, ଯଜ୍ଞ ନାରାୟଣ, ମାଧବ, ସୂର୍ଯ୍ୟ ମନ୍ଦିର, ଗଣେଶ ଓ ଦେବୀ ଚାମୁଣ୍ଡା ଙ୍କୁ ଦର୍ଶନ କରିଥିଲେ, ପରିଶେଷରେ ମା ଙ୍କ ମନ୍ଦିର ର ଭିତିଭୂମି ଓ ବିକାଶ ଉପରେ ଉପସ୍ଥିତ ଅଧିକାରୀ ଓ ସେବାୟତ କମିଟି ସହିତ ଆଲୋଚନା କରିଥିଲେ। ମା ପରମ ବୈଷ୍ଣବୀ ଏଥି ସହିତ ମା ଙ୍କ ପାର୍ଶ୍ୱ ରେ ନାରାୟଣ ଅଂଶ ପୂଜା ପାଉଥିବା ଦେଖି ଆଶ୍ଚର୍ଯ୍ୟ ହେବା ସହ ମା ଙ୍କ ମହିମା ଙ୍କୁ ପୁନଃବାର ପ୍ରଣାମ କରିଥିଲେ। ଏହି ଦର୍ଶନ ରେ ସେବାୟତ ତାପସ ରଞ୍ଜନ ଦୀକ୍ଷିତ ଙ୍କ ସମେତ ଅନ୍ୟ ସେବାୟତ ମାନେ ସହଯୋଗ କରିଥିଲେ। କାକଟପୁର ପୋଲିସ ତରଫରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ଜାତୀୟ ଭୋଟର ସଚେନତା ଶିବିର ଅନୁଷ୍ଠିତ



(ବସ୍ତା/ମହାଭାରତ) ବସ୍ତା ବ୍ଲକ ଜାମସୁଳି ସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ପରିସରରେ ବସ୍ତା ପଞ୍ଚାୟତ ସମିତି ଆନୁକୁଲ୍ୟରେ ଜାତୀୟ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମ କୁ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧାପକ ଦିବେନ୍ଦୁ କୁମାର୍ ଗିରି ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟ ଅତିଥି ଭାବେ ବସ୍ତା ବିଡ଼ିଓ ମିହିର ରଞ୍ଜନ ବେହେରା,ମୁଖ୍ୟ ବକ୍ତା ଭାବେ ବସ୍ତା ତହସିଲଦାର ରାଧା ରଞ୍ଜନ ଦାସ, ଓ ସମ୍ମାନୀୟ ଅତିଥି ଭାବେ କଲେଜ ଅଧକ୍ଷା ଲିପିକା ଜେନା , ଅଧ୍ୟାପକ ଦେବବ୍ରତ ଦାସ, ଜିପିଓ ଅଞ୍ଜନ କୁମାର ପାଣିଗ୍ରାହୀ, ବ୍ଲକ ନିରୀକ୍ଷକ ସୁଦିପ୍ କୁମାର୍ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କୁ ମତଦାନ ଓ ଏହାର ଆବଶ୍ୟକତା ଉପରେ ଆଲୋକ ପାତ କରିଥିଲେ। ପ୍ରତି ବର୍ଷ ଜାନୁଆରୀ ୨୫ତାରିଖକୁ ଜାତୀୟ ମଦଦାତା ଦିବସ ଭାବେ ପାଳନ କରାଯିବା ସହ, ଏହି ଦିନଟିକୁ ଭୋଟରମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥାଏ। ଗଣତାନ୍ତ୍ରୀକ ନିର୍ବଚନ ପ୍ରକ୍ରିୟାରେ ସାଧାରଣ ନାଗରିକ ଙ୍କୁ ସଚେତନ କରିବା ଏବଂ ନୂଆ ଓ ଯୁବବର୍ଗର ଭୋଟରଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ଯୋଡ଼ି ଉତ୍ସାହିତ କରିବା ହେଉଛି ଏହାର ମୂଳ ଲକ୍ଷ। ଏହି ଅବସରରେ କଲେଜ ଠାରୁ ସିଂଲା ଛକ ପର୍ଯ୍ୟନ୍ତ ସମସ୍ତ ଅତିଥି, ଅଧାପକ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ,ଯୁବ ଭୋଟର ମିଳିତ ଭାବେ ଶୋଭାଯାତ୍ରା କରି ସଚେତନ ବାର୍ତ୍ତା ବାଣ୍ଟି ଥିଲେ। ଏହି ସ୍ୱତନ୍ତ୍ର ଦିବସ ଅବସରରେ ରଙ୍ଗୋଳି, ଚିତ୍ରାଙ୍କନ, ଡିବେଟ ପ୍ରତିଯୋଗିତା ଇତ୍ୟାଦି କରାଯାଇ କୃତି ଛାତ୍ର ଛାତ୍ରୀ ଙ୍କୁ ଅତିଥି ଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲାୟ ଅନ୍ୟମାନଙ୍କ ଭିତରେ କଲେଜର ଅଧାପକ, ଅଧାପିକା, ଷ୍ଟାଫ୍, ବିଏଲ୍ଓ ଭବାନୀ ଶଙ୍କର ମଣ୍ଡଳ,ଶରତ କୁମାର ସାହୁ ,ଗୌରାଙ୍ଗ ଟୁଙ୍ଗ, ପଙ୍କଜ କୁମାର୍ ଦାସ ଉପସ୍ଥିତ ରହିଥିବା ବେଳେ , ଅଧାପକ ସୁକାନ୍ତ କୁମାର୍ ଗିରି ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପଞ୍ଚଦଶ ଜାତୀୟ ମତଦାତା ଦିବସ ୨୦୨୫




କଳାହାଣ୍ଡି/ମହାଭାରତ:ଭବାନୀପାଟଣା: ଡା ପଞ୍ଚଦଶ ଜାତୀୟ ମତଦାତା ଦିବସ ୨୦୨୫ ପାଳନ ଅବସରରେ ଆଜି କଳାହାଣ୍ଡି ଜିଲ୍ଲା ସ୍ତରୀୟ ସମାରୋହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହରେ ଅତିରିକ୍ତ ଜିଲାପାଳ( ସାଧାରଣ) ତନ୍ମୟ କୁମାର ଦରୱାନ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥି ପୂର୍ବରୁ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଧିକାରୀ,କର୍ମଚାରୀ,ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଙ୍କୁ ନେଇ ସହରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ଏହାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରୱାନ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ପରେ ସଦ୍ଭାବନା ସଭାଗୃହରେ ଅତିରିକ୍ତ ଜିଲାପାଳ ଶ୍ରୀ ଦରୱାନ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ ଭବାନୀ ପାଟଣା, ପ୍ରଭାତ କୁମାର ପରିଡା, ଡେପୁଟି କଲେକ୍ଟର ପବିତ୍ର ସାମଲ, ଉପ ନିର୍ଦ୍ଦେଶକ ପ୍ଲାନିଂ ଶ୍ରୀକାନ୍ତ ଦଲେଇ, ଡେପୁଟି କଲେକ୍ଟର, ନିର୍ବାଚନ,ଦୀପ୍ତିମଇ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ନିର୍ବାହୀ ଅଧିକାରୀ ପୌରପାଳିକା ସତ୍ୟ ସମ୍ପର୍ଣ୍ଣକ୍ଷ ରାଉତ, ସହକାରୀ ଜିଲାପାଳ ସୁଶାନ୍ତ କୁମାର ନାୟକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସୀଙ୍ଗ ରାଉତ ପ୍ରମୁଖ ଯୋଗଦେଇ ଜାତୀୟ ମତଦାତା ଦିବସ ପାଳନ ର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏକ ସୁସ୍ଥ ଓ ସୁଦୃଢ଼ ଗଣତନ୍ତ୍ର ପାଇଁ ନିର୍ଭୀକ ଓ ନିରପେକ୍ଷ ମତଦାନ ର ଆବଶ୍ୟକତା ଉପର ବିଶେଷ କରି ଯୁବ ଭୋଟର ମାନଙ୍କର ପ୍ରମୂଖ ଭୂମିକା ରହିଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରୱାନ ମତପୋଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ର ଛାତ୍ରଛାତ୍ରୀମାନ ଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ର ସଫଳ ପ୍ରତିଯୋଗି ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଭୋଟର ତାଲିକା ପ୍ରସ୍ତୁତି ରେ ସର୍ବୋତ୍ତମ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିଥିବା ଅଧିକାରୀ ମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ଉପ ଜିଲ୍ଲାପାଳ ଭବାନୀ ପାଟଣା ପ୍ରଭାତ କୁମାର ପରିଡା,ନିର୍ବାହୀ ଅଧିକାରୀ ପୌରପାଳିକା ଡଃ ସତ୍ୟ ସମ୍ପର୍ଣ୍ଣକ୍ଷ ରାଉତ, କଳମପୁର ବିଡିଓ ବିଜୟ କୁମାର ମକ୍ଷଣ୍ଡାଙ୍ଗି ଏବଂ ବି ଏଲ ଓ ଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କୁ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ମହାନନ୍ଦ ପରିଚାଳନା କରିଥିଲେ।

## ବିପଦ କୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର



କଳାହାଣ୍ଡି/ମହାଭାରତ: କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଲଇତରା ଗ୍ରାମ ପଞ୍ଚାୟତ ର ଦେଣ୍ଡୋଗୁଡ଼ା ଗ୍ରାମ ରେ ଲାଗି ଥିବା ଟ୍ରାନଷ୍ଫର୍ମର ଖୋଲା ଅବସ୍ଥା ରେ ପଡ଼ି ରହିଛି ରାସ୍ତା କଡ଼ରେ ଥିବାରୁ ସେପଟେ ଗାଈ ଗୋରୁ ଯିବା ଆସିବା ଓ କେତେବେଳେ ଅସୁବିଧା ର ସମ୍ମୁଖିନ ବା ଲାଇଟ ଲାଗି ଗଲେ ଅସୁବିଧା ହେବ ବୋଲି ଗ୍ରାମ ବାସୀ ଅଭିଯୋଗ କରିଛନ୍ତି ଯେଉଁ ଦୁଇଟି ୱାର୍ଡ ରେ ଟ୍ରାନ୍ସଫର୍ମର ଲାଗିଛି ଖୋଲା ଅବସ୍ଥା ରେ ରହିଛି। ସେଥିରେ ବାଡ ଦିଆଯାଇ ନାହିଁ ସେଥି ପାଇଁ ଗ୍ରାମ ବାସୀ ମିଶି କେମିତି ଚାରି ପଟେ ବାଡ ଦେଇ କେମିତି ଅଘଟଣ ନଘଟିବ ତାହା ବିଦ୍ୟୁତ ବିଭାଗ କୁ ପଦକ୍ଷେପ ଯଥା ଶୀଘ୍ର ନେବା ପାଇଁ ଅଭିଯୋଗ କରିଛନ୍ତି।

## : ଫେବୃଆରୀ ୪ ରେ ଉଦୟବଟ ଧାମରେ ଶ୍ରୀ ଜଗନ୍ନାଥ ଙ୍କ ସୁଉଚ୍ଚ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ



ପାରାଦୀପ(ମହାଭାରତ): ପାରାଦୀପ ଉପକଣ୍ଠ ସ୍ଥିତ ମାଳିକା ପ୍ରସିଦ୍ଧ ଉଦୟ ବଟ ଧାମରେ ମହାପ୍ରଭୁ ଜଗନ୍ନାଥଙ୍କ ଭବ୍ୟ ମନ୍ଦିର ନିର୍ମାଣ ପୂର୍ଣ୍ଣାଙ୍ଗ ରୂପ ନେଇଛି।ଏହି ନବ ନିର୍ମିତ ମନ୍ଦିରର ପୁଣ୍ୟ ପ୍ରତିଷ୍ଠା ଉତ୍ସବ ଆସନ୍ତା ଫେବୃଆରୀ ୧ ଠାରୁ ୪ ତାରିଖ ପର୍ଯ୍ୟନ୍ତ ପାଳିତ ହେବ।ଫେବୃଆରୀ ୪ ତାରିଖ ପବିତ୍ର ମାଘ ସପ୍ତମୀ ତିଥିରେ ମହାପ୍ରଭୁଙ୍କ ଶ୍ରୀବିଗ୍ରହ ନବ ନିର୍ମିତ ମନ୍ଦିରର ରତ୍ନ ସିଂହାସନରେ ବିଜେ କରିବେ। ଏହି ଉପଲକ୍ଷେ ପ୍ରତିଦିନ ଭଜନ, କୀର୍ତ୍ତନ, ତଥା ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ଶ୍ରୀ ଜଗନ୍ନାଥ ସ୍ୱାଇଁ ଦାସମହାପାତ୍ର, ଜଗତସିଂହପୁର ସାଂସଦ ଡକ୍ଟର ବିଭୁ ପ୍ରସାଦ ତରାଇ, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ମହାନ ଆଧାତ୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ମହାପ୍ରଭୁ ଜଗନ୍ନାଥଙ୍କ କୃପା ଲାଭ କରିବା ପାଇଁ, ଉଦୟ ବଟ ଧାମ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟ ପକ୍ଷରୁ ପାରାଦ୍ୱୀପ ଅନ୍ତେବାସୀ ତଥା ଜଗନ୍ନାଥ ପ୍ରେମୀ ସାଧୁସ୍ୟ, ଗୁଣି ଜ୍ଞାନୀ ବ୍ୟକ୍ତି ବିଶେଷ କରି ଜଗନ୍ନାଥ ଅନୁଗାମୀ ଶ୍ରଦ୍ଧାଳୁ ମାନଙ୍କୁ ସାଦର ନିମନ୍ତ୍ରଣ କରାଯାଇଛି।ଏହି ଉପଲକ୍ଷେ ମନ୍ଦିର ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟର ଅଧକ୍ଷ ଅନ୍ତର୍ଯ୍ୟାମୀ ସାହୁ ,କୋଷାଧକ୍ଷ ମଦନ ମୋହନ ସ୍ୱାଇଁ ,ନବଘନ ସ୍ୱାଇଁ, ଗଗନ ବିହାରୀ ସାହୁ ଓ ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ୧୭ ତମ ଭୈରବୀ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ□ ଉଦଘାଟିତ

ଖପ୍ରାଖୋଲ( ମହାଭାରତ ) ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଅନ୍ତର୍ଗତ ତୁର୍ଲା ଗାଁର ୧୭ତମ ଭୈରବୀ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛ। ଉଦଘାଟନୀ ଉତ୍ସବରେ କ୍ରିକେଟ୍ କ୍ଲବ୍ ସଭାପତି ଜ୍ୟୋତି ରଞ୍ଜନ ପଣ୍ଡା ଅଧକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ରୁପେ ଭାନପୁର ସରପଞ୍ଚ ରୀନା ଜାଲ ଓ ସମ୍ମାନୀତ ଅତିଥି ରୁପେ ତୁର୍ଲା ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ଭୂପିନ୍ଦ୍ର ବନଗୁଲା, ଦୟା ସାଗର ମର୍ହି, ଲଛମନ କାଲସାଏ, ମନିଲାଲ ଛତର, ଛବିଲ ପଧାନ, ଡିଲେଶ୍ୱର ଜାଲ ଯୋଗଦେଇ ନାଲି ଫିତା କାଟି, ନଡ଼ିଆ ଭାଙ୍ଗି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଉଦଘାଟନି ମ୍ୟାଚ ଭାନପୁର ଓ ଚଉଲବାଞ୍ଜି ମଧ୍ୟରେ ଖେଳା ଯାଇଥିଲା। ଚଉଲବାଞ୍ଜି ଦଳ ପ୍ରଥମେ ବ୍ୟାଟିଙ୍ଗ କରି ୧୪ ଓଭର୍ ରେ ୭ ୱିକେଟ୍ ହରାଇ ୧୩୨ ରନ୍ ସଂଗ୍ରହ କରିଥିଲା ୟ ଜବାବରେ ଭାନପୁର ଦଳ ୧୩.୪ ଓଭର୍ ରେ ୯ ୱିକେଟ୍ ହରାଇ ୧୩୩ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଯାହା ଫଳରେ ଭାନପୁର ଦଳକୁ ବିଜୟୀ ଘୋଷଣା କରାଯାଇଥିଲା। ଆମ୍ପାୟାର ରୁପେ ଆଶିଷ ପାଣିଗ୍ରାହୀ ଓ ପପୁ ଭୁଏ ଖେଳ ପରିଚାଳନା କରିଥିବା ବେଳେ ଆକାଶ ପାଣିଗ୍ରାହୀ ସ୍କୋରର ଭାବେ କାର୍ଯ୍ୟ ସମ୍ପାଦନ କରିଥଲେ। ରଞ୍ଜିତ ମେହେର ଓ କୁଶ ରଞ୍ଜନ ଭୋଇ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରଶାନ୍ତ ମେହେର , ନରେଶ ବାରିକ, କେଦାର ବାରିକ, ନବୀନ ଭୁଏ, ସୁବ୍ରି ଭୋଇ, ସ୍ୱାଧୀନ ପଣ୍ଡା, ମିଳନ ନାଗ, ଦେବାଶିଷ ପାଣିଗ୍ରାହୀ ହୀରାଧର ଶବର ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ଦିନିଆ ନୂଆପଡ଼ା ଜିଲ୍ଲା ଗସ୍ତରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ବିଭିନ୍ନ କାର୍ଯ୍ୟକ୍ରମ ରେ ଯୋଗଦାନ



ଖଡ଼ିଆଲ:(ମହାଭାରତ) ନୂଆପଡା ଜିଲ୍ଲା କୁ ଦୁଇ ଦିନିଆ ଗସ୍ତରେ ଓଡ଼ିଶା ଉଚ୍ଚ ଶିକ୍ଷା,କ୍ରୀଡା ଓ ଯୁବ ସେବା,ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ଙ୍କ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମ ରେ ଯୋଗଦାନ କରିଛନ୍ତି। ଆଜି ପୁରୀ ଦୁର୍ଗ ରେଳ ରେ ଆସି ଖରିଆର ରୋଡ ରେ ଓହ୍ଲାଇଥିବା ବେଳେ ନୂଆପଡ଼ା ସର୍କିଟ ହାଉସ ରେ ବିଜେପି ପକ୍ଷ ରୁ ଭବ୍ୟ ସ୍ୱାଗତ କରିଥିଲେ। ସ୍ୱାଗତ ସମ୍ବର୍ଦ୍ଧନା ପରେ କୋମନା ଠାରେ ୪୬ ତମ ନିଖିଳ ଉତ୍କଳ ଶ୍ରୀ ଅରବିନ୍ଦ ମହିଳା ପାଠାଚକ୍ର ସମ୍ମିଳନୀରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କୋମନା ବ୍ଲକ କାର୍ଯ୍ୟାଳୟ ରେ ଭୂମି ପୂଜନ ଉତ୍ସବରେ ସାମିଲ ହୋଇ ଥିଲେ। ପରେ ଖଡିଆଲ ସ୍ଥିତ ଚଲାନପଡା ଠାରେ କ୍ରିକେଟ ଟୁର୍ଣ୍ଣାମେ□ରେ ଯୋଗଦାନ କରି କ୍ରୀଡାବିତ୍ ଏବଂ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।ପରେ ଖଡିଆଲ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଯୋଗଦାନ କରି ଏକାଡେମୀ କମ୍ପ୍ଲେକ୍ସ କୁ ଉଦ୍ଘାଟନ କରିବା ସହ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ପିଏମ୍ ଉସା ଯୋଜନା ରେ ପାଞ୍ଚ କୋଟି ଟଙ୍କା ଶିକ୍ଷା ଭିତ୍ତିଭୂମିକୁ ଉଦ୍ଘାଟନ କରିଛନ୍ତି। ଏହି ଉଦ୍ଘାଟନ ଉତ୍ସବ ରେ ଖଡିଆଲ ବିଧାୟକ ଅଧିରାଜ ପାଣିଗ୍ରାହୀ,ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, କଲେଜ୍ ଅଧକ୍ଷ ପ୍ରଶାନ୍ତ ପଣ୍ଡା ମଞ୍ଚାସିନ ଥିବାବେଳେ ପରିଚାଳନା କମିଟି ସଭାପତି ବିଶ୍ୱଜିତ ପାଢୀ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ପରେ ଅଗ୍ରେସନ ଧର୍ମଶାଳା ରେ ଜନସାଧାରଣ ଙ୍କ ଅଭିଯୋଗ ଗ୍ରହଣ କରିବା ସହ ଭାରତୀୟ ଜନତା ପାର୍ଟିର କର୍ମକର୍ତ୍ତା ସମ୍ମିଳନୀରେ ଯୋଗଦାନ କରି ଅଞ୍ଚଳର ବିକାଶ ସହ ଓଡିଶା ର ବିକାଶ ଉପରେ କର୍ମୀ ମାନଙ୍କୁ ଅବଗତ କରିଥିଲେ। ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ପିଏମ୍ ଉସା ଯୋଜନା ରେ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ କୁ ୨୦ କୋଟି ଟଙ୍କା ଆର୍ଥିକ ଅନୁଦାନ ଦେଇଥିବା ବେଳେ ଖଡିଆଲ ସ୍ୱୟଂ ଶାସିତ ମହାବିଦ୍ୟାଳୟ କୁ ୫ କୋଟି ଟଙ୍କା ଆର୍ଥିକ ସହାୟତା ଦିଆଯାଇଥିବା ପ୍ରକାଶ କରିଥିଲେ । ଖଡ଼ିଆଲ ରେ ସମସ୍ତ କାର୍ଯ୍ୟକ୍ରମ ସାରି ସିନାପାଲି ଓ ବୋଡ଼େନ ବ୍ଲକରେ କର୍ମକର୍ତ୍ତା ସମ୍ମିଳନୀ ରେ ଯୋଗ ଦାନକରି ସନ୍ଧ୍ୟାରେ ନୂଆପଡା ଗସ୍ତକରି ସର୍କିଟ ହାଉସ ରେ ରାତ୍ରି ଯାପନ ପରେ ସାଧାରଣତନ୍ତ୍ର ଦିବସରେ ପତାକା ଉତ୍ତୋଳନ କରିବାର ସୂଚନା ମିଳିଛି।

# ୟୁନୁସ୍ କ୍ଷମତା ଛାଡିଲେ ବାଂଲାଦେଶର ସ୍ଥିତି ସୁଧୁରିବ

**ଢାକା,୨୫।୧(ଏଜେନ୍ସି):** ବାଂଲାଦେଶର ପୂର୍ବତନ ଗୃହମନ୍ତ୍ରୀ ଆଜାଦୁଜମାନ ଖାନ କମଲ ଦେଶରେ ଶେଖ ହସିନା ସରକାରଙ୍କ ପତନ ଏବଂ ମହମ୍ମଦ ୟୁନୁସ୍ କ୍ଷମତାକୁ ଆସିବା ପରେ ପରିବର୍ତ୍ତିତ ପରିସ୍ଥିତି ବିଷୟରେ କହିଛନ୍ତି । ବରିଷ୍ଠ ଆୱାମୀ ଲିଗ୍ ନେତା ଆଜାଦୁଜମାନ କମଲ କହିଛନ୍ତି ଯେ, ସେନା ଏବଂ ମୌଳବାଦୀମାନେ ତାଙ୍କ ସରକାରକୁ ହଟାଇ ଦେଇଛନ୍ତି । ବାଂଲାଦେଶର ଉତ୍ତମ ଭବିଷ୍ୟତ ପାଇଁ ଇସ୍ତଫା ଦେବା ଏବଂ ନିର୍ବାଚନ କରିବାକୁ ସେ ମହମ୍ମଦ ୟୁନୁସ୍‌ଙ୍କୁ ନିବେଦନ କରିଛନ୍ତି । ଭାରତରୁ ମଧ୍ୟ ସହାୟତା ଆଶା କରିଛନ୍ତି । ଗତ ବର୍ଷ ବାଂଲାଦେଶରେ ବ୍ୟାପକ ବିରୋଧ ପରେ ଶେଖ ହାସିନାଙ୍କ ନେତୃତ୍ୱାଧୀନ ଆୱାମୀ ଲିଗ୍ ପାର୍ଟି ସରକାର ଅଗଷ୍ଟ ୫ରେ କ୍ଷମତାଚ୍ୟୁତ ହୋଇଥିଲେ । ହସିନା ବାଂଲାଦେଶ ଛାଡିବା ପରେ ଏବଂ ମହମ୍ମଦ ୟୁନସ୍ କ୍ଷମତା ଗ୍ରହଣ କରିବା ପରେ ଦୀର୍ଘ ଦିନ ଧରି କ୍ଷମତାରେ ଥିବା ଆୱାମୀ ଲିଗର ନେତାମାନେ ଅସୁବିଧାରେ ସମ୍ମୁଖୀନ ହୋଇଥିଲେ । ୧୦ ବର୍ଷରୁ ଅଧିକ ସମୟ ଶେଖ ହସିନାଙ୍କ ସରକାରରେ ଗୃହମନ୍ତ୍ରୀ ଥିବା ଆଜାଦୁଜାମନ ଖାନ କମଲ ଇଣ୍ଡିଆନ ଏକ୍ସପ୍ରେସକୁ ଦିଆଯାଇଥିବା ଏକ ସାକ୍ଷାତକାରରେ ବାଂଲାଦେଶର ପରିସ୍ଥିତି ବିଷୟରେ କହିଛନ୍ତି । ସେ କହିଛନ୍ତି ଯେ, ଗତ ବର୍ଷ ଅଗଷ୍ଟ ୩ ରୁ ୫ ମଧ୍ୟରେ ଘଟିଥିବା ଘଟଣାରେ ସେନା ଏବଂ ମୌଳବାଦୀ ଦଳର ଭୂମିକା ରହିଛି । ସେ କହିଥିଲେ ଯେ, ମୁଁ ୪ ଅଗଷ୍ଟ ରାତି ପର୍ଯ୍ୟନ୍ତ ଶେଖ ହସିନାଙ୍କ ସହ ରହିଥିଲି । ସେତେବେଳେ ସେନା ମୁଖ୍ୟ ପ୍ରଧାନମନ୍ତ୍ରୀ ହସିନାଙ୍କୁ ଆଶ୍ୱାସନା ଦେଇଥିଲେ ଯେ, ସେ ପରିସ୍ଥିତିକୁ ନିୟନ୍ତ୍ରଣ କରିବେ । ସେନା ମୁଖ୍ୟ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱ ମଧ୍ୟ ନେଇଥିଲେ । କିନ୍ତୁ ଅଗଷ୍ଟ ୫ରେ ଯାହା ଘଟିଥିଲା ତାହା ସମସ୍ତଙ୍କ ସାମ୍ନାରେ ରହିଛି । କମଲ କହିଛନ୍ତି ଯେ, ତାଙ୍କ ପୁଅ ସମେତ ତାଙ୍କର ଅନେକ ସମ୍ପର୍କୀୟ ଜେଲ୍‌ରେ ଅଛନ୍ତି ଏବଂ ସେମାନଙ୍କ ବିରୋଧରେ ୨୯୦ ହତ୍ୟା ମାମଲା ରୁଜୁ ହୋଇଛି । ଏହି ମାମଲାଗୁଡିକ କିପରି ପଞ୍ଜୀକୃତ ହୋଇଛି ତାହା ଅନୁମାନ କରାଯାଇପାରେ ଯେ, ୫୪ଟି ମାମଲାରେ ମୃତ ପୁଣି ଜୀବନ୍ତ ହୋଇ ଫେରି ଆସିଛନ୍ତି । ସେ କହିଛନ୍ତି, ଦେଶରେ ଆଇନ ବ୍ୟବସ୍ଥା ଫେରି ଆସିଲେ ଏବଂ ନ୍ୟାୟାଳୟ ନ୍ୟାୟ ପ୍ରଦାନ କରିବାକୁ ସକ୍ଷମ ହେଲେ ମୁଁ ଆଇନକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛି । ମୁଁ ବାଂଲାଦେଶକୁ ଫେରିବାକୁ ପ୍ରସ୍ତୁତ । କମଲ କହିଛନ୍ତି, 'ମୁଁ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲି, ତେଣୁ ୧୯୭୧ ମସିହାରେ ବାଂଲାଦେଶ ପାଇଁ ଭାରତ କ'ଣ କରିଛି ମୁଁ ଜାଣେ । ଭାରତ ସର୍ବଦା ବାଂଲାଦେଶକୁ ସାହାଯ୍ୟ କରିଆସୁଛି । କୂଟନୈତିକ ସ୍ତରରେ ଭାରତ ଆମକୁ ସାହାଯ୍ୟ କରିପାରିବ । ଆମର କୋର୍ଟ ପକ୍ଷାଘାତଗ୍ରସ୍ତ ହୋଇଛି । ଆୱାମୀ ଲିଗ୍ ଆଇନଜୀବୀମାନେ ବର୍ତ୍ତମାନ କୋର୍ଟକୁ ଯାଇପାରିବେ ନାହିଁ । ତେଣୁ କୂଟନେତିକ ଚାପ ସୃଷ୍ଟି କରାଯିବା ଉଚିତ । ଯାହା ଦ୍ୱାରା କୋର୍ଟ ପୁନର୍ବାର କାର୍ଯ୍ୟ ଆରମ୍ଭ କରିବେ । ଏଥିରେ ଭାରତ ସାହାଯ୍ୟ କରିପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । କମଲ କହିଛନ୍ତି, ଯଦି ପରିସ୍ଥିତି ସ୍ୱାଭାବିକ ହୁଏ ତେବେ ଆୱାମୀ ଲିଗ୍ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପ୍ରସ୍ତୁତ । କମଲ କହିଛନ୍ତି, ୟୁନୁସ୍‌ଙ୍କର କ୍ଷମତାରେ ରହିବାର କୌଣସି ଅଧିକାର ନାହିଁ । ସେ ଜଣେ ନେତା କିମ୍ବା ରାଜନେତିକ ବ୍ୟକ୍ତି ନୁହଁନ୍ତି । ୟୁନୁସ୍ ତାଙ୍କ ପଦରୁ ଇସ୍ତଫା ଦେବା ସହ ଆୱାମୀ ଲିଗ୍ ସମେତ ସମସ୍ତ ରାଜନେତିକ ଦଳକୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା।

# ଭାରତ ବାଂଲାଦେଶ ସୀମାରେ ୪ ବଙ୍କର ଠାବ

**ନୂଆଦିଲ୍ଲୀ,୨୫।୧(ଏଜେନ୍ସି):** ସାଧାରଣତନ୍ତ୍ର ଦିବସ ପୂର୍ବରୁ ଭାରତ ବାଂଲାଦେଶ ସୀମାରେ ୪ ବଙ୍କର ଠାବ । ୪ଟି ବଙ୍କର ଠାବ କରିବା ସହ ୬୨ ହଜାର ବୋତଲ ବେଆଇନ କଫ ସିରପ ଜବତ କରିଛନ୍ତି ଭାରତୀୟ ସେନାର ଯବାନ । ଜବତ କଫ୍ ସିରପର ମୂଲ୍ୟ ପ୍ରାୟ ୧ କୋଟି ୪୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି । ପଶ୍ଚିମବଙ୍ଗର ନଦିଆ ଜିଲ୍ଲା କୃଷ୍ଣାନଗର ଅଞ୍ଚଳ ମାଜଦିଆର ଗାଁରୁ ଜବତ ହୋଇଛି ଏହି କଫ ସିରପ । ଭାରତ ଓ ବାଂଲାଦେଶ ସୀମାରେ ରହିଛି ଏହି ଗାଁ। ଭାରତୀୟ ସେନା ଓ ଗୁଇନ୍ଦା ବିଭାଗର ସୂଚନା ପରେ ସେନାବାହିନୀ ରେଡ କରିଥିଲେ । ସୁବୀର ରଞ୍ଜନ ଲାହିଡି ମହାବିଦ୍ୟାଳୟ ନିକଟରେ ଖୋଜାଖୋଜି ପରେ ମାଟି ତଳେ



ବଙ୍କର ଦେଖିବାକୁ ପାଇଥିଲେ । ବଙ୍କରଟି ଭାରତ ସୀମାରୁ ବାଂଲାଦେଶର ମାଟିତଳକୁ ସଂଯୋଗ ହୋଇଛି । ଏହି ବଙ୍କର ଭାରତ ସୀମାରୁ ବାଂଲାଦେଶ ସୀମା ମଧ୍ୟରେ ରହିଛି। ଏହି ବଙ୍କର ଦେଇ ବର୍ଷ ବର୍ଷ ଧରି ବାଂଲାଦେଶୀ ତସ୍କରମାନେ ସୁନା, ଜାଲ ନୋଟ ସହିତ ବିଭିନ୍ନ ପ୍ରକାର ବେଆଇନ ସାମଗ୍ରୀ ଚାଲାଣ କରୁଥିଲେ । ବାଂଲାଦେଶରୁ ଭାରତ ସୀମା ମଧ୍ୟରେ ୪ ବଙ୍କର ବ୍ୟବହାର କରୁଥିଲେ । ସୀମାରେ ଏଭଳି କେତେ ବଙ୍କର ରହିଛି ତନାଘନା କରୁଛି ଭାରତୀୟ ସେନା ।

# ଗୁଣବତ୍ତାରେ ୧୩୫ ମେଡିସିନ୍ ସାମ୍ପଲ ଫେଲ

**ନୂଆଦିଲ୍ଲୀ,୨୫।୧(ଏଜେନ୍ସି):** ଫେଲ୍ ମାରିଛି ୧୩୫ ମେଡିସିନର ସାମ୍ପଲ୍ । ଏଭଳି ଚାଞ୍ଚଲ୍ୟକର ରିପୋର୍ଟ ଦେଇଛି କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ । ହାଇ ବିପି-ଡାଇବେଟିସ୍ ଏବଂ ଭିଟାମିନ୍ ଡି-୩ ର ଟାବଲେଟ୍ ବି ସାମିଲ । ଡିସେମ୍ବରରେ ପରୀକ୍ଷା ପାଇଁ ନିଆଯାଇଥିବା ଔଷଧ ନମୁନାର ଫଳାଫଳ ପ୍ରକାଶ କରିଛି କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ । ଯେଉଁଥିରେ ୧୩୫ରୁ ଅଧିକ ମେଡିସିନ୍ ପାରାମିଟରରେ ଅବୈଧ ବୋଲି ପରୀକ୍ଷାରୁ ଜଣାପଡ଼ିଥିଲା । ଯେଉଁ ଔଷଧଗୁଡ଼ିକର ନମୁନା ବିଫଳ ହୋଇଛି, ସେଗୁଡ଼ିକ ମଧ୍ୟରେ ହୃଦରୋଗ, ସୁଗାର, କିଡନୀ, ବିପି ଏବଂ ଆଣ୍ଟିବାୟୋଟିକ୍ ସମେତ ଅନେକ ଔଷଧ ଅନ୍ତର୍ଭୁକ୍ତ । ଗତ କିଛି ମାସ ଧରି ଏହି ଔଷଧ ନମୁନାଗୁଡ଼ିକ କ୍ରମାଗତ ଭାବରେ ମାନଦଣ୍ଡ ପୂରଣ କରୁନାହିଁ । ଦେଶର ଅନେକ ବଡ଼ ଔଷଧ କମ୍ପାନୀ ଦ୍ୱାରା ଏହି ଔଷଧଗୁଡ଼ିକୁ ପ୍ରସ୍ତୁତ କରାଯାଇଛି । ଯାହା ପରେ ଔଷଧଗୁଡ଼ିକ ଗୁଣବତ୍ତା ପରୀକ୍ଷାରେ ବିଫଳ ହୋଇଛି । ଏପରିକି ଏହା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ବୋଲି ଘୋଷଣା କରାଯାଇଛି । ଏହି ଔଷଧଗୁଡ଼ିକର ନିର୍ମାତାମାନଙ୍କୁ ନେଇ ପୋଲିସ ତଦନ୍ତ ଜାରି ରଖିଛି । ଏହି ଔଷଧଗୁଡ଼ିକ ମଧ୍ୟରୁ ଅଧିକାଂଶ ମଧୁମେହ ଏବଂ ମାଇଗ୍ରେନ୍ ରୋଗୀଙ୍କୁ ଦିଆଯାଉଥିଲା । କେନ୍ଦ୍ରୀୟ ପରୀକ୍ଷାଗାରଗୁଡ଼ିକ ଦ୍ୱାରା ୫୧ଟି ଔଷଧ ନମୁନା ଏବଂ ରାଜ୍ୟ ଔଷଧ ପରୀକ୍ଷଣ ପ୍ରୟୋଗଶାଳାଗୁଡ଼ିକ ଦ୍ୱାରା ୮୪ଟି ଔଷଧ ନମୁନା ମାନକ ଗୁଣବତ୍ତା ପୂରଣ କରୁନଥିବା ଜଣାପଡ଼ିଛି । ଯେଉଁ କାରଣରୁ ଔଷଧ ନିର୍ମାତାଙ୍କ ଲାଇସେନ୍ସ ବାତିଲ କରିବାର ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି । ନିମ୍ନମାନର ଔଷଧଗୁଡ଼ିକ ମଧ୍ୟରେ ମଧ୍ୟରେ ଜନଔଷଧି କେନ୍ଦ୍ରଗୁଡ଼ିକୁ ଯୋଗାଇ ଦିଆଯାଇଥିବା ଆଣ୍ଟିବାୟୋଟିକ୍ ଔଷଧ- ସେଫପୋଡକ୍ସିମ ଟାବଲେଟ୍ ଆଇପି ୨୦୦-ଏମଜି, ଡିଭାଲପ୍ରୋଏକ୍ସ ଏକ୍ସଟେଣ୍ଡେଡ୍-ରିଲିଜ୍ ଟାବଲେଟ୍, ମେଟଫର୍ମିନ୍ ହାଇଡ୍ରୋକ୍ଲୋରାଇଡ୍ ଟାବଲେଟ୍, ଜିଙ୍କ ସଲଫେଟ୍ ଟାବଲେଟ୍, ମେଟଫର୍ମିନ୍ ଟାବଲେଟ୍ ୫୦୦ ଏମଜି, ଆମୋକ୍ସିମନ୍ ସିଭି-୬୨୫, ପାରାସିଟାମଲ୍ ୫୦୦ ଏମଜି ସାମିଲ । ଏହା ସହିତ ସିଏମଜି ବାୟୋଟେକର ବିଟା ହିଷ୍ଟିନ୍, ସିପ୍ଲାର ଓକାମାଟ୍, ଆଡମାଡ୍ ଫାର୍ମାର ପେଣ୍ଟାପ୍ରାଜୋଲ୍, ୱେଦ୍ୱପ୍ ଫାର୍ମାର ଆମୋକ୍ସିସିଲିନ୍, ଶମଶ୍ରୀ ଲାଇଫ୍ ସାଇନ୍ସସର ମେରୋପେନେମ୍ ଇଞ୍ଜେକ୍ସନ୍-୫୦୦, ଓରିସନ୍ ଫାର୍ମାର ଟେଲମିସାର୍ଟନ୍, ମାର୍ଟିନ୍ ଆଣ୍ଡ୍ ବ୍ରାଉନ୍ କମ୍ପାନୀର ଆଲବେଣ୍ଡାଜୋଲ୍ ଅନ୍ତର୍ଭୁକ୍ତ । ନିକଟରେ ସରକାର ଏକାଧିକ ଔଷଧ ଉପରେ ବ୍ୟାନ୍ ଲଗାଇଥିଲେ । ଏଥିମଧ୍ୟରେ ୨୦୬ଟି ଫିକ୍ସ ଡୋଜ୍ ଔଷଧକୁ ମଧ୍ୟ ବ୍ୟାନ୍ କରାଯାଇଥିଲା । ସେହି ଔଷଧଗୁଡ଼ିକ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ଦର୍ଶାଯାଇଥିଲା । କହିରଖୁ କି, ଔଷଧ ପରାମର୍ଶଦାତା ବୋର୍ଡର ସୁପାରିଶ ପରେ ସରକାର ଏହି ନିଷ୍ପତ୍ତି ନେଇଥିଲେ । ଡ୍ରଗ ଅଥରିଟି କ୍ୱାଲିଟି ଟେଷ୍ଟଙ୍କ ଦ୍ୱାରା ଔଷଧର ଗୁଣବତ୍ତା ଯାଞ୍ଚ ହୁଏ । ଏହା ଲୋକଙ୍କ ପାଇଁ କେତେ ସୁରକ୍ଷିତ ସେନେଇ ଯାଞ୍ଚ କରାଯାଏ । ଏଥିପାଇଁ ସିଡିଏସ୍‌ସିଓ ବିଶେଷଜ୍ଞ ଟିମ୍ ଏଅନେକ ପ୍ରକାର ପରୀକ୍ଷଣ କରିଥାନ୍ତି । ପ୍ରଥମ ପର୍ଯ୍ୟାୟରେ ଔଷଧର କାଗଜପତ୍ର, ଏକ୍ସପାଏରୀ ଡେଟ୍ ଓ ଲେବଲିଂ ଆଦି ଯାଞ୍ଚ କରାଯାଏ । କୌଣସି ପ୍ରକାର ଭୁଲ୍ ସୂଚନା ଥିଲେ ଏହାକୁ ପୁନର୍ବାର ଯାଞ୍ଚ କରାଯାଇଥାଏ । ସୂଚନା ଭୁଲ୍ ଥିଲେ ଏହାର ଲେବଲିଂକୁ ପରିବର୍ତ୍ତନ କରାଯାଏ ।

# ଜନ୍ମ ଅଧିକାର ନାଗରିକତା ଆଇନକୁ ନେଇ ଆତଙ୍କିତ ଆମେରିକୀୟ

**ୱାଶିଂଟନ,୨୫।୧(ଏଜେନ୍ସି):** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ଷମତା ଗ୍ରହଣ କରିବା ମାତ୍ରେ ଜନ୍ମ ଅଧିକାର ନାଗରିକତ୍ୱରେ ପରିବର୍ତ୍ତନ ଆଣିବାକୁ ପ୍ରସ୍ତାବ ଦେଇଛନ୍ତି । ଜନ୍ମ ଅଧିକାର ନାଗରିକତ୍ୱରେ ପରିବର୍ତ୍ତନ ଆଣିବାକୁ ସେ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ଦସ୍ତଖତ କରିଛନ୍ତି। ଏହା ଅନ୍ତର୍ଗତ, ଆମେରିକାରେ ଜନ୍ମିତ ପ୍ରତ୍ୟେକ ଶିଶୁ ଆଉ ଜନ୍ମ ଅଧିକାର ନାଗରିକତ୍ୱ ପାଇବେ ନାହିଁ । ଏହି କାରଣରୁ, ଲୋକମାନେ ବର୍ତ୍ତମାନ ଟ୍ରମ୍ପଙ୍କ ନିଷ୍ପତ୍ତିକୁ ଡରୁଛନ୍ତି ଏବଂ ସମୟ ପୂର୍ବରୁ ପ୍ରସବ ପାଇଁ ଡାକ୍ତରଖାନା ଭିଡ଼ ଜମାଇଛନ୍ତି । ଡାକ୍ତରଖାନା ବାହାରେ ଗର୍ଭବତୀଙ୍କର ଲମ୍ବା ଲାଇନ ଦେଖିବାକୁ ମିଳୁଛି । ବାସ୍ତବରେ, ଡୋନାଲ୍ଡ ଟ୍ରମ୍ପଙ୍କ ଏହି ଆଦେଶ କାର୍ଯ୍ୟନିର୍ବାହୀ ଆଦେଶ ସ୍ୱାକ୍ଷର ହେବାର ୩୦ ଦିନ ପରେ ଆରମ୍ଭ ହେବ, ଅର୍ଥାତ୍ ଫେବୃଆରୀ ୨୦ପରେ ଜନ୍ମ ହୋଇଥିବା ପିଲାମାନେ ଆମେରିକାର ଜନ୍ମ ଅଧିକାର ପାଇବେ ନାହିଁ । ଏହି କାରଣରୁ, ଅନେକ ପରିବାର ଚାହାଁନ୍ତି ଯେ ସେମାନଙ୍କର ପିଲାମାନେ ଫେବୃଆରି ୨୦ ପୂର୍ବରୁ ଜନ୍ମ ହୁଅନ୍ତୁ ଏବଂ ଜନ୍ମ ଅଧିକାର ନାଗରିକତା ପ୍ରାପ୍ତ କରନ୍ତୁ । ନ୍ୟୁ ଜର୍ସିର ଏକ ମାତୃତ୍ୱ କ୍ଲିନିକରେ ଡ. ଏସଡି ରାମା କହିଛନ୍ତି ଯେ, ଆଇନରେ ୧୪ ତମ ସଂଶୋଧନ ପାଇଁ ଟ୍ରମ୍ପଙ୍କ ପଦକ୍ଷେପ ଅସମୟ ପ୍ରସବ ପାଇଁ ଲମ୍ବା ଲାଇନ ସୃଷ୍ଟି କରିଛି । ଡାକ୍ତର କହିଛନ୍ତି ଯେ, ମହିଳାମାନେ ଧାର୍ଯ୍ୟ ତାରିଖ ପୂର୍ବରୁ ସେମାନଙ୍କ ସନ୍ତାନ ପ୍ରସବ କରିବାକୁ ଅନୁରୋଧ କରୁଛନ୍ତି । ଯାହା ଦ୍ୱାରା ଫେବୃଆରୀ ୨୦ ପୂର୍ବରୁ ସେମାନଙ୍କର ପ୍ରସବ ହେବ ଏବଂ ସେମାନଙ୍କର ପିଲାମାନେ ଜନ୍ମ ନାଗରିକତା ପାଇପାରିବେ । ଡାକ୍ତର ରାମା କହିଛନ୍ତି, ତାଙ୍କ କ୍ଲିନିକ୍ ବାହାରେ ଗର୍ଭବତୀଙ୍କର ଏକ ଲମ୍ବା ଲାଇନ ଦେଖିବାକୁ ମିଳୁଛି । ସେମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ସଂଖ୍ୟକ ହେଉଛନ୍ତି ଭାରତୀୟ ମହିଳା । ଯେଉଁମାନେ ୮ ଏବଂ ୯ ମାସର ଗର୍ଭବତୀ ଅଛନ୍ତି । ସମସ୍ତ ମହିଳା ୨୦ ଫେବୃଆରି ପୂର୍ବରୁ ପ୍ରସବ ପାଇଁ କହୁଛନ୍ତି । ଜନ୍ମ ଅଧିକାର ନାଗରିକତା ହାସଲ କରିବା ପାଇଁ ଆମେରିକାରେ ଆରମ୍ଭ ହୋଇଥିବା ଏହି ଭିଡ଼ ବିଷୟରେ ଟେକ୍ସାସର ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ ଡକ୍ଟର ଏସ.ଜି. ମୁକ୍କାଲା କହିଛନ୍ତି ଯେ, ମୁଁ ସମସ୍ତ ଦମ୍ପତିଙ୍କୁ କହିବାକୁ ଚେଷ୍ଟା କରୁଛି ଯେ, ଯଦିଓ ସମୟ ପୂର୍ବରୁ ପ୍ରସବ କରିବା ସମ୍ଭବ, କିନ୍ତୁ ଏହା କରିବା ବିପଜ୍ଜନକ ଅଟେ । ଉଭୟ ଶିଶୁ ଏବଂ ମାତାଙ୍କ ପାଇଁ ଏହା ଦ୍ୱାରା ବିପଦ ରହିଛି । ପିଲାମାନଙ୍କର ଫୁସଫୁସରେ ସମସ୍ୟା ହୋଇପାରେ, ଜନ୍ମର ଓଜନ କମ୍ ହୋଇପାରେ ଏବଂ ସ୍ନାୟୁଗତ ସମସ୍ୟା ମଧ୍ୟ ହୋଇପାରେ । ଡାକ୍ତର ଏହା ମଧ୍ୟ କହିଛନ୍ତି, ଗତ ଦୁଇ ଦିନ ମଧ୍ୟରେ ମୁଁ ୧୫ରୁ ୨୦ ଦମ୍ପତିଙ୍କ ସହ କଥା ହୋଇଛି । ସୂଚନାଯୋଗ୍ୟ, ଆମେରିକାରେ ବାସ କରୁଥିବା ଅନେକ ଲୋକଙ୍କ ପାଇଁ ଜନ୍ମ ଅଧିକାରର ନାଗରିକତା ଏକ ବରଦାନ ଭଳି । ଏହା ସହିତ ଏହି ଆଇନ ଭାରତୀୟଙ୍କ ପାଇଁ ସୁରକ୍ଷା ତଥା ଦେଶରେ ରହିବା ପାଇଁ ମଧ୍ୟ ପଥ ପରିଷ୍କାର କରିଛି । ଏହି ପ୍ରସଙ୍ଗରେ ଲୋକେ କହିଛନ୍ତି, ଆମେ ଚାହୁଁ ଯେ, ଆମର ପିଲା କେବଳ ଏଠାରେ ଜନ୍ମ ହେଉ । ଏକ ଦମ୍ପତି କହିଛନ୍ତି, ଆମେ ଆମର ଗ୍ରୀନ୍ କାର୍ଡକୁ ୬ ବର୍ଷ ଧରି ଅପେକ୍ଷା କରିଛୁ । ଜନ୍ମ ପରିବାର ନାଗରିକତା ଆମ ପରିବାର ପାଇଁ ସ୍ଥିରତା ନିଶ୍ଚିତ କରିବାର ଏକମାତ୍ର ଉପାୟ ଥିଲା, କିନ୍ତୁ ହଠାତ ପରିବର୍ତ୍ତନ ଦ୍ୱାରା ଆମେ ଅସୁରକ୍ଷିତ ମନେ କରୁଛୁ । ଜଣେ ୨୮ବର୍ଷୀୟ ଫାଇନାନ୍ସ ପ୍ରଫେସନାଲ କହିଛନ୍ତି ଯେ, ଯଦି ତାଙ୍କ ପତ୍ନୀ ଫେବୃଆରି ୨୦ପରେ ଜନ୍ମ ଦିଅନ୍ତି ଏବଂ ସେତେବେଳେ ଜନ୍ମ ଅଧିକାର ନାଗରିକତ୍ୱରେ କିଛି ପରିବର୍ତ୍ତନ ଆସେ ତେବେ ଦେଶରେ ବାସ କରିବା ଏବଂ କାମ କରିବା ତାଙ୍କର ଯୋଜନା ବାଧାପ୍ରାପ୍ତ ହେବ । ସେ ଆହୁରି ମଧ୍ୟ କହିଛନ୍ତି, ଆମେରିକା ଆସିବା ପାଇଁ ଆମେ ଅନେକ ବଳିଦାନ ଦେଇଛୁ । ବର୍ତ୍ତମାନ, ଅନୁଭବ ହେଉଛି ଯେ, ଆମ ପାଇଁ କବାଟ ବନ୍ଦ ହେବାକୁ ଯାଉଛି ।

# 'ଦିଲ୍ଲୀରେ ବୁଲୁଛି ପଞ୍ଜାବର ହଜାର ହଜାର ଗାଡ଼ି'

**ନୂଆଦିଲ୍ଲୀ,୨୫।୧(ଏଜେନ୍ସି):** ବିଧାନସଭା ନିର୍ବାଚନ ପୂର୍ବରୁ ନୂଆଦିଲ୍ଲୀ ବିଧାନସଭା କ୍ଷେତ୍ରରେ ପଞ୍ଜାବର ଗାଡ଼ି ପ୍ରବେଶ କରୁଛି ବୋଲି ଦାବି କରିଥିଲେ ବିଜେପି ପ୍ରାର୍ଥୀ ପରବେଶ ବର୍ମା । ଏପରିକି ପଞ୍ଜାବରୁ ଆସୁଥିବା ଲୋକେ ସାଧାରଣତନ୍ତ୍ର ଦିବସରେ ବିଶୃଙ୍ଖଳା କରିବାକୁ ଯୋଜନା କରୁଥିବା ନେଇ ସେ ଅଭିଯୋଗ କରିଥିଲେ। ଏହା ପରେ ପରବେଶ ବର୍ମାଙ୍କ ଅଡୁଆ। ବଢ଼ିଛି। ଓକିଲ ଏବଂ ଏକାଧିକ ପଞ୍ଜାବୀଙ୍କ ପକ୍ଷରୁ ତାଙ୍କୁ ଆଇନଗତ ନୋଟିସ ପଠାଯାଇଛି । ପରବେଶ ବର୍ମା ନିଜର ଏହି ବିବାଦୀୟ ମନ୍ତବ୍ୟ ଲାଗି ସାର୍ବଜନୀନ ସ୍ଥାନରେ କ୍ଷମା ମାଗନ୍ତୁ ବୋଲି ସେମାନେ ଦାବି କରିଛନ୍ତି । ମଙ୍ଗଳବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ନୂଆଦିଲ୍ଲୀରୁ ବିଜେପିର ପ୍ରାର୍ଥୀ ପରବେଶ ବର୍ମା କହିଥିଲେ, ପଞ୍ଜାବରେ ପଞ୍ଜିକୃତ ହଜାର ହଜାର ଗାଡ଼ି ଦିଲ୍ଲୀରେ ପ୍ରବେଶ କରିଛି । ପଞ୍ଜାବରୁ ଲୋକେ ଏଠାକୁ ଆସିଛନ୍ତି । ବିଧାନସଭା ନିର୍ବାଚନକୁ ପ୍ରଭାବିତ କରିବା ଲାଗି ଆପ୍ ଏଭଳି କରୁଛି। ପଞ୍ଜାବର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ ବିଧାୟକମାନେ ନୂଆଦିଲ୍ଲୀ ବିଧାନସଭା କ୍ଷେତ୍ରକୁ ଆସୁଛନ୍ତି । ପଞ୍ଜାବ ଗାଡ଼ି ନମ୍ବର ଥିବା ହଜାର ହଜାର ଗାଡ଼ି ନୂଆଦିଲ୍ଲୀରେ ବୁଲୁଛି । ସାଧାରଣତନ୍ତ୍ର ଦିବସ ଲାଗି ପ୍ରସ୍ତୁତି ଚାଲିଛି, ପଞ୍ଜାବର ଲୋକମାନେ ସୁରକ୍ଷା ପ୍ରତି



ବିପଦ ସୃଷ୍ଟି କରିପାରନ୍ତି । ଏହି ପ୍ରସଙ୍ଗକୁ ନେଇ ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ ପରବେଶ ବର୍ମା । ସେ ଆହୁରି ଦାବି କରିଥିଲେ ଯେ, ପଞ୍ଜାବର ସରକାରୀ ଚାକିରିଆ ଆପର କର୍ମୀ ବୋଲି ପରିଚୟ ଦେଇ ଦିଲ୍ଲୀରେ ରହୁଛନ୍ତି । ସେପଟେ ପରବେଶ ବର୍ମାଙ୍କ ଏହି ମନ୍ତବ୍ୟକୁ ଜୋରଦାର ବିରୋଧ କରିଛି ଆମ ଆଦମୀ ପାର୍ଟି (ଆପ୍) । ଲକ୍ଷ ଲକ୍ଷ ପଞ୍ଜାବୀ ଦିଲ୍ଲୀରେ ରହୁଛନ୍ତି, ସେମାନଙ୍କ ପରିବାର ଏବଂ ପୂର୍ବଜ ଦେଶପାଇଁ ବଳିଦାନ ଦେଇଛନ୍ତି । କିନ୍ତୁ ବିଜେପି ପଞ୍ଜାବୀମାନଙ୍କ ବଳିଦାନକୁ ଉପହାସ କରିଛି ବୋଲି ଏକ୍ସରେ ପୋଷ୍ଟ କରିଛନ୍ତି ଅରବିନ୍ଦ କେଜ୍ରିୱାଲ । ବିଜେପି ଏବେ ପଞ୍ଜାବୀଙ୍କୁ ଦେଶ ପାଇଁ ବିପଦ ବୋଲି କହୁଛି । ଦିଲ୍ଲୀରେ ରହୁଥିବା ଲକ୍ଷାଧିକ ପଞ୍ଜାବୀଙ୍କୁ ବିଜେପି ଅପମାନିତ କରିଛି । ବିଜେପି ପଞ୍ଜାବୀମାନଙ୍କୁ କ୍ଷମା ପ୍ରାର୍ଥନା କରିବା ଦରକାର ବୋଲି କେଜ୍ରିୱାଲ ଦାବି କରିଛନ୍ତି । ସେହିଭଳି ପଞ୍ଜାବ ମୁଖ୍ୟମନ୍ତ୍ରୀ ଏବଂ ଆପ ନେତା ଭଗୱନ୍ତ ମାନ ମଧ୍ୟ ପରବେଶଙ୍କ ମନ୍ତବ୍ୟକୁ ପଞ୍ଜାବ ବିରୋଧୀ ବୋଲି କହିଛନ୍ତି । ସେପଟେ ପରବେଶ ବର୍ମାଙ୍କୁ ଏହି ମନ୍ତବ୍ୟ ବିରୋଧରେ ପଞ୍ଜାବ ଏବଂ ଦିଲ୍ଲୀରେ ରହୁଥିବା ବହୁ ପଞ୍ଜାବୀଙ୍କ ପକ୍ଷରୁ ଲିଗାଲ ବା ଆଇନଗତ ନୋଟିସ ପଠାଯାଇଛି । ପରବେଶ ବର୍ମା। ସାର୍ବଜନୀନ ଭାବରେ କ୍ଷମା ପ୍ରାର୍ଥନା ନକଲେ ଆଗକୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେମାନେ ଚେତାବନୀ ମଧ୍ୟ ଦେଇଛନ୍ତି ।

# ଭାରତ ସୀମାରେ ବଙ୍କର ତିଆରି କଲା ବାଂଲାଦେଶ

**ମାଲଦା,୨୫।୧(ଏଜେନ୍ସି):** ବାଂଲାଦେଶର ଦୁଃସାହସ ଦିନକୁ ଦିନ ବଢିଚାଲିଛି । ପୂର୍ବରୁ ସୀମାରେ ଭାରତର ବାଡ଼ ନିର୍ମାଣ କାମରେ ପ୍ରତିବନ୍ଧକ ସୃଷ୍ଟି କରିବା ପରେ ବାଂଲାଦେଶର ସୀମା ସୁରକ୍ଷା ବାହିନୀ (ବର୍ଡର ଗାର୍ଡ୍ସ) ଏବେ ସୀମାରେ ବଙ୍କର ନିର୍ମାଣ କାମ ଆରମ୍ଭ କରିଛି। ଏହା ସହିତ ସୀମାବର୍ତ୍ତି ଇଲାକାର କୃଷକମାନଙ୍କୁ ଗୁଳିମାରିବାକୁ ଧମକ ଦେଇଛି ବର୍ଡର ଗାର୍ଡସ। ସୂଚନା ଅନୁସାରେ ପଶ୍ଚିମବଙ୍ଗର ମାଲଦା ଜିଲ୍ଲାର ସୁଖଦେବପୁର ଗାଁ ନିକଟରେ ସୀମାର ଜିରୋ ପଏଣ୍ଟରେ ବାଂଲାଦେଶ ଏକ ବଙ୍କର ନିର୍ମାଣ କରିଛି । ସୀମାରେ ଥିବା ଭାରତୀୟ କୃଷକମାନେ ଅଭିଯୋଗ କରିଛନ୍ତି ଯେ ବର୍ଡର ଗାର୍ଡସ ବାଂଲାଦେଶ ବଙ୍କର ନିର୍ମାଣ କରିଛି ଏବଂ ଅସ୍ତ୍ରଶସ୍ତ୍ର ଧରି



ସେଠାରେ ରହୁଛନ୍ତି । ଯେତେବେଳେ ଭାରତୀୟ କୃଷକମାନେ ବିଏସଏଫ ସହ ମିଶି ବାଡ଼ ଲଗାଇବା ପାଇଁ କାମ କରିବାକୁ ଯାଆନ୍ତି, ସେତେବେଳେ ବାଂଲାଦେଶ ତରଫରୁ ଆପତ୍ତି ଉଠିଥାଏ । ବିଜିବି ତରଫରୁ ଗୁଳିମାଡ଼ ପାଇଁ ଧମକ ମଧ୍ୟ ଦିଆଯାଇଛି । କୃଷକମାନେ କହୁଛନ୍ତି ଯେ ସେମାନେ ଠିକ୍ ଭାବରେ ଚାଷ କରିପାରୁନାହାନ୍ତି । ସେମାନେ ଏହା ମଧ୍ୟ କୁହନ୍ତି ଯେ ବଙ୍କରରେ ବସିଥିବା ବିଜେବି ଯବାନମାନେ ବାଂଲାଦେଶୀମାନଙ୍କୁ ଭାରତୀୟ ଜମିରେ ଫସଲ ଅମଳ କରିବାକୁ ଉତ୍ସାହିତ କରନ୍ତି । ଏହା ଦ୍ୱାରା ମାନସିକ ଚାପ ବଢ଼ିଥାଏ ।

# ଟ୍ରମ୍ପଙ୍କ ଧମକ ପରେ ନରମିଲା ରୁଷ

**ମସ୍କୋ,୨୫।୧(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଆସିବା ପରେ ଯୁଦ୍ଧ ଶେଷ କରିବାକୁ ରୁଷକୁ କହିଛନ୍ତି । ଏହାପରେ ରୁଷର ବୟାନ ଆସିଛି । ରୁଷ୍ ମଧ୍ୟ ଏବେ ଯୁଦ୍ଧ ଶେଷ କରିବାକୁ ପ୍ରସ୍ତୁତ ବୋଲି କହିଥିବା ବେଳେ ଏଭଳି ଆଲୋଚନା ପାରସ୍ପରିକ ସମ୍ମାନ ଉପରେ ଆଧାରିତ ହେବା ଉଚିତ ବୋଲି କହିଛ । ଅର୍ଥାତ ଆଲୋଚନାରେ ଏକତରଫା ନିଷ୍ପତ୍ତି ନ ନେବାକୁ ରୁଷ ଦାବି କରିଛି । ଗୁରୁବାର ଦିନ ରୁଷିଆ ଟ୍ରମ୍ପଙ୍କୁ ଜବାବ ଦେଇ



କହିଛି ଯେ ଟ୍ରମ୍ପଙ୍କ ସହ ପାରସ୍ପରିକ ସମ୍ମାନଜନକ କଥାବାର୍ତ୍ତା ପାଇଁ ସେ ପ୍ରସ୍ତୁତ ଅଛନ୍ତି । ପୁଟିନଙ୍କ ମନ୍ତବ୍ୟ ସମ୍ପର୍କରେ ସାମ୍ବାଦିକମାନେ ପଚାରିବାରୁ କ୍ରେମଲିନ ମୁଖପାତ୍ର ଦିମିତ୍ରୀ ପେସ୍କୋଭ୍ କହିଛନ୍ତି, ଆମେ ଏଥିରେ କିଛି ନୂଆ ଦେଖୁନାହୁଁ । ତାଙ୍କ ବୟାନ ଉପରେ ରୁଷ୍ ତୀକ୍ଷ୍ଣ ନଜର ରଖିଛି । ବୁଧବାର ଟ୍ରମ୍ପ ଧମକ ଦେଇଥିଲେ ଯେ ଯଦି ପୁଟିନ୍ ଯୁଦ୍ଧ ଶେଷ କରିବାକୁ ରାଜି ନହୁଅନ୍ତି ତେବେ ମସ୍କୋ ଉପରେ ଆହୁରି ଅଧିକ ପ୍ରତିବନ୍ଧକ ଲଗାଇବେ । ଯଦି ଆମେ କୌଣସି ଚୁକ୍ତିରେ ପହଞ୍ଚିପାରିବୁ ନାହିଁ, ତେବେ ରଷିଆ ଆମେରିକା କିମ୍ବା ଅନ୍ୟ ଦେଶକୁ ବିକ୍ରି କରୁଥିବା ସମସ୍ତ ଜିନିଷ ଉପରେ ଉଚ୍ଚ ଟିକସ ଏବଂ ପ୍ରତିବନ୍ଧକ ଲଗାଇବା ବ୍ୟତୀତ ଆମ ପାଖରେ ଅନ୍ୟ କୌଣସି ବିକଳ୍ପ ରହିବ ନାହିଁ ବୋଲି ସେ କହିଥିଲେ ।

# ଜାନୁଆରୀ ୨୪ରୁ ୨୬ ପର୍ଯ୍ୟନ୍ତ ସାଧାରଣତନ୍ତ୍ର ଦିବସ ବିକ୍ରି ଘୋଷଣା କଲା ନେକ୍ସସ ଏସପ୍ଲାନେଡ୍

**ଭୁବନେଶ୍ୱର,୨୫।୧(ଏଜେନ୍ସି):** ଜାନୁଆରୀ ୨୪ରୁ ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବହୁ ପ୍ରତୀକ୍ଷିତ ସାଧାରଣତନ୍ତ୍ର ଦିବସ ସେଲ୍ ଘୋଷଣା କରି ଭୁବନେଶ୍ୱରର ସବୁଠାରୁ ପସନ୍ଦର ସପିଂ ଡେ ଡେ ସେଲ୍ ଘୋଷଣା କରି ଖୁସି ଅନୁଭବ କରୁଛି ଗ୍ରାହକମାନେ ନିଜ ପସନ୍ଦର ବ୍ରାଣ୍ଡଉପରେ ସର୍ବୋତମ ରିହାତି ପାଇପାରିବେ ଏବଂ ଫ୍ଲାଟ୍ ୫୦% ସହ ଏହା ସହରର ସମସ୍ତଙ୍କ ପାଇଁ ଚୂଡ଼ାନ୍ତ ସପିଂ ସୁଯୋଗ ପାଲଟିଛି। ଶୀର୍ଷ ଅନ୍ତର୍ଜାତୀୟ ଏବଂ ଭାରତୀୟ ବ୍ରାଣ୍ଡଗୁଡ଼ିକ ଅଂଶଗ୍ରହଣ କରୁଥିବାରୁ ଏହି ସେଲ୍ ରେ ଫ୍ୟାସନ, ସୌନ୍ଦର୍ଯ୍ୟ, ଜୋତା ଏବଂ ଏଫ୍ ଆଣ୍ଡବିରେ ୧୦୦ରୁ ଅଧିକ ବ୍ରାଣ୍ଡ୍ ଉପରେ ଅତୁଳନୀୟ ଡିଲ୍ ଉପଲବ୍ଧ ହେଉଛି, ଯାହା ସମସ୍ତଙ୍କ ପାଇଁ କିଛି ନା କିଛି ସୁନିଶ୍ଚିତ କରିବ। ଜାନୁଆରୀ ୨୬ରେ ଆସଲି ହାପିନେସ୍ ୱାଲା ସେଲ୍ ଶେଷ ହେବାର ଶେଷ ତିନି ଦିନ ପୂର୍ବରୁ ଜାନୁଆରୀ ୨୪ରୁ ୨୬। ସାଧାରଣତନ୍ତ୍ର ଦିବସ ସେଲ୍ ହେଉଛି ଗ୍ରାହକମାନଙ୍କୁ ଅସାଧାରଣ ମୂଲ୍ୟ ଏବଂ ଏକ ସ୍ମରଣୀୟ ସପିଂ ଅନୁଭୂତି ପ୍ରଦାନ କରିବା ପାଇଁ ନେକ୍ସସ୍ ସିଲେକ୍ଟ ମଲ୍ ଗୁଡ଼ିକର ନିରନ୍ତର ପ୍ରୟାସର ଏକ ଅଂଶ । ଜୀବନ୍ତ ମଲ୍ ସଜ୍ଜା, ଆକର୍ଷଣୀୟ କାର୍ଯ୍ୟକଳାପ ଏବଂ ସ୍ୱତନ୍ତ୍ର ଚୁକ୍ତି ସହିତ, ଏହା ସାଧାରଣତନ୍ତ୍ର ଦିବସ ଭାବନାକୁ ପାଳନ କରିବାର ଏକ ଉପଯୁକ୍ତ ଉପାୟ ହେବ ବୋଲି ପ୍ରତିଶ୍ରୁତି ଦେଇଛି। ସପିଂ ଅନୁଭବ କରିବା ପାଇଁ ନେକ୍ସସ ଏସପ୍ଲାନେଡ୍ ପରିଦର୍ଶନ କରନ୍ତୁ ଯାହା ପୂର୍ବରୁ କେବେ ହୋଇନଥିଲା !

# ପ୍ରଶଂସକଙ୍କ ହୃଦୟ ଜିତିଲେ ରିଷଭ ପନ୍ତ

**ନୂଆଦିଲ୍ଲୀ,୨୫।୧(ଏଜେନ୍ସି):** ରିଷଭ ପନ୍ତଙ୍କୁ ପ୍ରାତଃ ପଡ଼ିଆରେ ପ୍ରତିପକ୍ଷ ଖେଳାଳିଙ୍କୁ ସ୍ଲେଜିଂ କରୁଥିବାର ଦେଖାଯାଏ। କିନ୍ତୁ ପଡ଼ିଆ ବାହାରେ ତାଙ୍କର ବ୍ୟକ୍ତିତ୍ୱ ବହୁତ ଭିନ୍ନ, କାରଣ ସେ ସର୍ବଦା ତାଙ୍କ ପ୍ରଶଂସକମାନଙ୍କ ସହିତ ବହୁତ ନମ୍ର ବ୍ୟବହାର କରନ୍ତି। ସେ ସମ୍ପ୍ରତି ରଣଜୀ ଟ୍ରଫିକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଏବଂ ସୌରାଷ୍ଟ୍ର ବିପକ୍ଷ ମ୍ୟାଚରେ ଦିଲ୍ଲୀ ବିପକ୍ଷରେ ଖେଳିଛନ୍ତି। ଦୁର୍ଭାଗ୍ୟବଶତଃ, ସେ ଉଭ। ଇନିଂସରେ ବଡ଼ ସ୍କୋର କରିପାରି ନ ଥିଲେ। ଏହି ସମୟରେ ତାଙ୍କର ଏକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ଜଣେ ପ୍ରଶଂସକ ପଡ଼ିଆ ମଝିରେ ତାଙ୍କ ପାଦ ତଳେ ପଡ଼ିଯାଇଛନ୍ତି।

ଦିଲ୍ଲୀ ବନାମ ସୌରାଷ୍ଟ୍ର ମ୍ୟାଚ ଆରମ୍ଭ ହେବା ପୂର୍ବରୁ, ରିଷଭ ପନ୍ତଙ୍କୁ ଭେଟିବା ପାଇଁ ସୌରାଷ୍ଟ୍ର କ୍ରିକେଟ ଷ୍ଟାଡିୟମରେ ବହୁ ସଂଖ୍ୟକ ପ୍ରଶଂସକ ଏକାଠି ହୋଇଥିଲେ। ୨୭ ବର୍ଷୀ। ପନ୍ତ ପ୍ରଶଂସକମାନଙ୍କୁ ଅଟୋଗ୍ରାଫ ଦେବାରେ ବହୁତ ନମ୍ର ଥିଲେ। ଜଣେ ପ୍ରଶଂସକ ଆସି ସମ୍ମାନ ଜଣାଇବା ପାଇଁ ତାଙ୍କ ପାଦ ଛୁଇଁବା ଆରମ୍ଭ କଲେ। ଏହା ଦେଖି ପନ୍ତ ପଛକୁ ହଟିଗଲେ, ପ୍ରଶଂସକଙ୍କ ଆଗରେ ନତମସ୍ତକ ହେଲେ

## ଆମଓ୍ୱେ-ଆଇସିଆରଆଇଇଆର ରିପୋର୍ଟ

# 'ଭାରତ ହଳଦୀ ଉତ୍ପାଦନର ଗ୍ଲୋବାଲ ହବ୍ ହେବ'

**ନୂଆଦିଲ୍ଲୀ,୨୫।୧(ଏଜେନ୍ସି):** ଜାତୀୟ ହଳଦୀ ବୋର୍ଡର ଶୁଭାରମ୍ଭର ଗୋଟିଏ ଦିନ ପରେ ଇଣ୍ଡିଆନ୍ କାଉନସିଲ୍ ଫର୍ ରିସର୍ଚ୍ଚ ଅନ୍ ଇନ୍‌ଟରନ୍ୟାସନାଲ ଇକୋନୋମିକ ରିଲେସନ୍ସ (ଆଇସିଆରଆଇଇଆର) ଏବଂ ଆମଓ୍ୱେ ଇଣ୍ଡିଆ ଏନ୍‌ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ହଳଦୀ ଚାଷୀଙ୍କ ସମ୍ମୁଖୀନ ହେଉଥିବା ଆହ୍ୱାନର ମୁକାବିଲା କରିବା ସହ ବିଶ୍ୱ ହଳଦୀ ବଜାରରେ ଭାରତର ସ୍ଥିତି ବୃଦ୍ଧି ପାଇଁ ଏକ ରଣନୈତିକ ରୋଡ୍ ମ୍ୟାପ୍ ପ୍ରଦାନ କରି 'ମେକ୍ ଇଣ୍ଡିଆ ଫର୍ ହଳଦୀ' ଶୀର୍ଷକ ଏକ ବିସ୍ତୃତ ମିଳିତ ରିପୋର୍ଟ ଉନ୍ମୋଚନ କରାଯାଇଛି। ମଙ୍ଗଳବାର ଦିନ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଦେଶର ଅନ୍ୟତମ ପ୍ରମୁଖ ହଳଦୀ ହବ୍ ଉତର ତେଲେଙ୍ଗାନାର ନିଜାମାବାଦରେ ବୋର୍ଡକାର୍ଯ୍ୟାଳୟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ନୂଆ ବୋର୍ଡ ୨୦୩୦ ସୁଦ୍ଧା ହଳଦୀ ରପ୍ତାନିକୁ ୧ ବିଲିୟନ ଡଲାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଭାରତୀୟ ଆନ୍ତର୍ଜାତିକ ଅର୍ଥନୈତିକ ସମ୍ପର୍କ ଗବେଷଣା ପରିଷଦ (ଆଇସିଆରଆଇଇଆର)ର ନିର୍ଦ୍ଦେଶକ ତଥା ସିଇ ଡ. ଦୀପକ ମିଶ୍ର ସ୍ୱାଗତ ଭାଷଣରେ କହିଛନ୍ତି, "ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଆକଳନ କରୁଛି ଯେ ୨୦୩୦ ସୁଦ୍ଧା ଭାରତର ହଳଦୀ ରପ୍ତାନି ୧ ବିଲିୟନ ଡଲାରରେ ପହଂଚିବ। ସରକାର ନ୍ୟାସନାଲ ହଳଦୀ ବୋର୍ଡ ମଧ୍ୟ ଗଠନ କରିଛନ୍ତି । ଏହି ପରିପ୍ରେକ୍ଷୀରେ, ଭାରତ କିପରି ଏକ ବିଶ୍ୱସ୍ତରୀୟ ହଳଦୀ ଉତ୍ପାଦକ ଏବଂ ରପ୍ତାନୀକାରୀ ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିବ ଏବଂ ଦେଶରେ ଅଧିକ ମୂଲ୍ୟ-ସଂଶୋଧନ କରିପାରିବ ସେ ବିଷୟରେ ଆମର ରିପୋର୍ଟରେ ଲକ୍ଷ୍ୟଭିତିକ ସୁପାରିସ କରାଯାଇଛି।" ଏହି ବ୍ୟାପକ ସର୍ବେକ୍ଷଣ ପାଇଁ ଆମଓ୍ୱେ ଇଣ୍ଡିଆ ସହଯୋଗ ପ୍ରଦାନ କରିଛି। ଶେଷ ବକ୍ତବ୍ୟରେ ଆମଓ୍ୱେ ଇଣ୍ଡିଆର ଏମ୍‌ଡି ରଜନୀଶ ଚୋପ୍ରା କହିଛନ୍ତି ଯେ, "ଆଇସିଆରଆଇଇଆର ଦ୍ୱାରା ପ୍ରକାଶିତ 'ମେକ୍ ଇଣ୍ଡିଆ ଦ ଗ୍ଲୋବାଲ୍ ହବ୍ ଫର୍ ହଳଦୀ' ରିପୋର୍ଟରେ କୃଷକ, କୃଷକ ଉତ୍ପାଦକ ସଂଗଠନ, କମ୍ପାନି ଏବଂ ନୀତି ନିର୍ଦ୍ଧାରକଙ୍କ ବୁଝାମଣାକୁ ସତର୍କତାର ସହ ଉପସ୍ଥାପନ କରାଯାଇଛି, ଯେଉଁଥିରେ ହଳଦୀ ଶିଳ୍ପର ସାମ୍ପ୍ରତିକ ଦୃଶ୍ୟ ଏବଂ ଭବିଷ୍ୟତର ସୁଯୋଗ ଗୁଡ଼ିକର ବ୍ୟାପକ ବିଶ୍ଳେଷଣ କରାଯାଇଛି।

# ଏଲଆଇସି ମ୍ୟୁଚୁଆଲ୍ ଫଣ୍ଡ ମଲ୍‌ଟି ଆସେଟ୍ ଆବଂଟନ ଫଣ୍ଡ ଆରମ୍ଭ

**ନୂଆଦିଲ୍ଲୀ,୨୫।୧(ଏଜେନ୍ସି):** ଭାରତର ଏକ ପ୍ରତିଷ୍ଠିତ ଫଣ୍ଡ ହାଉସ୍, ଏଲଆଇସି ମ୍ୟୁଚୁଆଲ୍ ଫଣ୍ଡ, ଇକ୍ୱିଟି, ଋଣ ଏବଂ ସୁନାରେ ନିବେଶ କରୁଥିବା ଏକ ଓପନ-ଏଣ୍ଡେଡ୍ ଯୋଜନା, ଏଲଆଇସି ଏମ୍‌ଏଫ୍ ମଲ୍‌ଟି ଆସେଟ୍ ଆବଂଟନ ଫଣ୍ଡ ଆରମ୍ଭ କରୁଛି। ନ୍ୟୁ ଫଣ୍ଡ ଅଫର (ଏନଏଫଓ) ୨୪ ଜାନୁଆରୀ ୨୦୨୫ରେ ଖୋଲିବ ଏବଂ ୭ ଫେବୃଆରୀ ୨୦୨୫ରେ ବନ୍ଦ ହେବ। ଯୋଜନାର ନିବେଶ ଉଦେଶ୍ୟ ହେଉଛି ଇକ୍ୱିଟି ଏବଂ ଇକ୍ୱିଟି ସମ୍ବନ୍ଧୀୟ ଉପକରଣ, ଋଣ ଏବଂ ମୁଦ୍ରା ବଜାର ଉପକରଣ ଏବଂ ସୁନା ଏକ୍ସଚେଞ୍ଜ ଟ୍ରେଡେଡ୍ ଫଣ୍ଡ (ଇଟିଏଫ)ର ଏକ ବିବିଧ ପୋର୍ଟଫୋଲିଓରେ ନିବେଶ କରି ଦୀର୍ଘକାଳୀନ ପୁଞ୍ଜି ମୂଲ୍ୟ ବୃଦ୍ଧି କରିବା। ଯୋଜନାର ମାନଦଣ୍ଡ ହେଉଛି ୬୫% ନିଫ୍‌ଟି ୫୦୦ ଟିଆରଆଇ + ୨୫% ନିଫ୍‌ଟି କଂପୋଜିଟ୍ ଡେବ୍‌ଟ ଇଣ୍ଡେକ୍ସ ଘରୋଇ ସୁନାର + ୧୦% ମୂଲ୍ୟର ମିଶ୍ରଣ। ନିଖିଲ ରୁଙ୍ଗଟା, ସୁମିତ ଭଟ୍ଟନଗର ଏବଂ ପ୍ରତୀକ ଶ୍ରଫ୍ ଯୋଜନାର ପାଣ୍ଠି ପରିଚାଳକ ହେବେ। ଏହି ଯୋଜନା ୧୮ଫେବୃଆରୀ ୨୦୨୫ରେ ନିରନ୍ତର ବିକ୍ରୟ ଏବଂ ପୁନଃକ୍ରୟ ପାଇଁ ପୁନଃ ଖୋଲିବ। ଏନଏଫଓ ଉପରେ ମତାମତ ଦେଇ, ଏଲଅଇସି ମ୍ୟୁଚୁଆଲ୍ ଫଣ୍ଡ ଆସେଟ୍ ମ୍ୟାନେଜମେଂଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆର.କେ. ଝା କହିଲେ, ମଲ୍‌ଟି-ଆସେଟ୍ ଆବଂଟନ ପାଣ୍ଠି ଆଜିକାଲି ଅଧିକ ଲୋକପ୍ରିୟ ହେଉଛି, କାରଣ ଏହା ରିସ୍କକୁ ହ୍ରାସ କରେ ଏବଂ ସଂପତିର ଉତମ ବିବିଧତା ସୁନିଶ୍ଚିତ କରେ। ୨୦୨୪ ମସିହାରେ ହାଇବ୍ରିଡ୍ ମ୍ୟୁଚୁଆଲ୍ ଫଣ୍ଡ ପରିଚାଳନା ଅଧୀନରେ ସଂପତିରେ ୨୭% ବୃଦ୍ଧି ଘଟିଛି।

ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ



# ରୋହିତ ଶର୍ମା ଆଇସିସି ଟି-୨୦ ଟିମର ଅଧିନାୟକ

**ମୁମ୍ବାଇ,୨୫।୧(ଏଜେନ୍ସି):** ଟି-୨୦ ବିଶ୍ୱକପ ବିଜେତା ଭାରତୀୟ ଟିମର ଅଧିନାୟକ ରୋହିତ ଶର୍ମାଙ୍କୁ ମିଳିଛି ବଡ଼ ସଫଳତା। ତାଙ୍କୁ ଆଇସିସି ୨୦୨୪ ପାଇଁ ଗଠନ କରିଥିବା ଶ୍ରେଷ୍ଠ ଟି-୨୦ ଟିମର ଅଧିନାୟକ ଭାବେ ଚୟନ କରିଛି। ୨୦୨୪ ବର୍ଷରେ ଦମଦାର ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ନେଇ ଆଇସିସି ପକ୍ଷରୁ ଏପରି ଦଳ ଗଠନ କରାଯାଇଛି। ରୋହିତ ଟିମର ନେତୃତ୍ୱ ନେବାକୁ ଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ ବୁମ୍ରା ଓ ଅର୍ଶଦୀପ ସିଂହ ମଧ୍ୟ ଦଳରେ ଅଛନ୍ତି। ଆଶ୍ଚର୍ଯ୍ୟଜନ ଭାବେ ପାକିସ୍ତାନର ବ୍ୟାଟର ବାବର ଆଜମଙ୍କୁ ଆଇସିସି ଟି-୨୦ ଟିମରେ ସୁଯୋଗ ମିଳିଛି। କିନ୍ତୁ ଭାରତକୁ ଟି-୨୦ ବିଶ୍ୱକପ ଜିତାଇଥିବା ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କୁ ଆଇସିସି ଟିମରେ ରଖି ନାହିଁ। ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ବିଶ୍ୱକପ ଫାଇନାଲରେ ବିରାଟ ମ୍ୟାଚ୍ ବିଜୟୀ ୫୯ ବଲରେ ୭୬ ରନର ଇନିଂସ ଖେଳିଥିଲେ। ତାଙ୍କର ଏହି ଇନିଂସ ବଳରେ ଭାରତ ଫାଇନାଲରେ ୭ ୱିକେଟ ହରାଇ ୧୭୬ ରନ କରିଥିଲା।

ଏହାର ଜବାବରେ ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୮ ୱିକେଟ ହରାଇ ୧୬୯ ରନ କରିପାରିଥିଲା। ଦକ୍ଷିଣ ଆଫ୍ରିକାକୁ ୭ ରନରେ ହରାଇ ଭାରତ ଦ୍ୱିତୀୟ ଥର ପାଇଁ ଟି-୨୦ ବିଶ୍ୱକପ ଜିତିବାକୁ ସକ୍ଷମ ହୋଇ ଥିଲା। କିନ୍ତୁ ବିରାଟଙ୍କୁ ଆଇସିସି ଶ୍ରେଷ୍ଠ ଟି-୨୦ ଏକାଦଶରେ ସୁଯୋଗ ମିଳିନାହିଁ। ସେହିପରି ଟି-୨୦ରେ ବିଶ୍ୱର ୧ନଂ ବ୍ୟାଟର ସୂର୍ଯ୍ୟ କୁମାର ଯାଦବ ମଧ୍ୟ ଆଇସିସି ଟିମରେ ନାହାନ୍ତି। ୨୦୨୪ ଟି-୨୦ ବିଶ୍ୱପରେ ଦକ୍ଷିଣ ଆଫ୍ରିକା ଫାଇନାଲ ଖେଳିଥିଲା। ତଥାପି ଦଳର ଜଣେ ହେଲେ ଖେଳାଳି ଆଇସିସି ଗଠନ କରିଥିବା ଶ୍ରେଷ୍ଠ ଟି-୨୦ ଟିମରେ ସ୍ଥାନ ପାଇ ନାହାନ୍ତି। ଜୁନ ମାସରେ ବିରାଟ ବିଶ୍ୱକପ ଫାଇନାଲରେ ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ଭାରତ ବିଶ୍ୱକପ ଜିତିବା ପରେ ବିରାଟ ଓ ରୋହିତ ଶର୍ମା ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ପୂରା ବିଶ୍ୱକପରେ ଭାରତ ତା'ର ଦବଦବା ଦେଖାଇବା ସହ ୧୧ ବର୍ଷ ପରେ ଟ୍ରଫି ଟେକିବାକୁ ସକ୍ଷମ ହୋଇଥିଲା।




ଆଇସିସି ଗଠନ କରିଥିବା ଟି-୨୦ ଟିମର ପେସ ବୋଲିଂର କମାଣ ୩ ଭାରତୀୟଙ୍କ ହାତରେ ରହିଛି। ସେମାନେ ହେଲେ ଯଶପ୍ରୀତ ବୁମ୍ରା, ଅର୍ଶଦୀପ ସିଂହ ଓ ହାର୍ଦ୍ଦିକ ପାଣ୍ଡ୍ୟା। ଏହି ୩ ବୋଲର ଟି-୨୦ ବିଶ୍ୱକପରେ ମଧ୍ୟ ଭାରତୀୟ ବୋଲିଂ ଆଟାକର ମଙ୍ଗ ସମ୍ଭାଳିଥିଲେ। ଦଳରେ ଆଫଗାନିସ୍ତାନର ରାଶିଦ ଖାନ ଓ ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା ସ୍ପିନ ବୋଲର ଭାବେ ସ୍ଥାନ ପାଇଛନ୍ତି। ଏମାନଙ୍କୁ ସାଥ ଦେବା ପାଇଁ ଜିମ୍ବାୱେର ସିକନ୍ଦର ରାଜାଙ୍କୁ ଅଲରାଉଣ୍ଡ ଭାବେ ଦଳରେ ରଖାଯାଇଛି।

ଦଳ ପାଇଁ ରୋହିତ ଶର୍ମାଙ୍କ ସହ ଅଷ୍ଟ୍ରେଲିଆର ବିସ୍ଫୋରକ ବ୍ୟାଟର ଟ୍ରାଭିସ ହେଡ୍ ଓପନ କରିବେ। ଇଂଲଣ୍ଡର ଫିଲ ସଲ୍ଟ ନମ୍ବର ୩ ଓ ବାବର ଆଜମ ୪ନଂରେ ଖେଳିବେ। ୱିକେଟ କିପର ଭାବେ ୱେଷ୍ଟଇଣ୍ଡିଜର ନିକୋଲସ ପୂରନ ରହିଛନ୍ତି। ସେ ୱିକେଟ କିପିଂ ସହ ମଧ୍ୟକ୍ରମରେ ବ୍ୟାଟିଂ କରିବେ। ବାବର ଟି-୨୦ ବିଶ୍ୱକପରେ ରନ କରିବାରେ ସଂଘର୍ଷ କରିଥିଲେ। ସେ ୪ଟି ମ୍ୟାଚ୍ରେ କେବଳ ୧୨୨ ରନ କରିପାରିଥିଲେ। କିନ୍ତୁ ୨୦୨୪ରେ ସେ ୨୪ ମ୍ୟାଚରେ ୭୩୮ ରନ କରିଥିବାରୁ ବିରାଟଙ୍କ ବଦଳରେ ତାଙ୍କୁ ଆଇସିସି ଦଳରେ ରଖିଛି। ୨୦୨୪ ବର୍ଷ ରୋହିତ ଶର୍ମାଙ୍କ ପାଇଁ ଟି-୨୦ରେ ସର୍ବଶ୍ରେଷ୍ଠ ଥିଲା। କାରଣ ତାଙ୍କ ନେତୃତ୍ୱରେ ଭାରତ ଟି-୨୦ ବିଶ୍ୱକପ ଜିତିଛି। ରୋହିତ ମଧ୍ୟ ବ୍ୟାଟିଂରେ ନିଜର ଜଲୱା ଦେଖାଇଛନ୍ତି। ସେ ୧୧ଟି ମ୍ୟାଚରେ ୩୭୮ ରନ କରିଛନ୍ତି। ତାଙ୍କ ବ୍ୟାଟିଂ ହାର ୪୨ ରହିଥିବା ବେଳେ ସେ ୧୬୦ ଷ୍ଟ୍ରାଇକ ରେଟରେ ରନ କରିଥିଲେ। ଟି-୨୦ ବିଶ୍ୱକପରେ ମଧ୍ୟ ରୋହିତଙ୍କ ବ୍ୟାଟରୁ ୩ଟି ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା। ବିଶେଷ କରି ସେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ବିସ୍ଫୋରକ ୯୨ ରନ କରିଥିଲେ। ୨୦୨୪ ବର୍ଷରେ ଅର୍ଶଦୀପ ମଧ୍ୟ କମାଲ କରିଛନ୍ତି। ସେ ଟି-୨୦ରେ ମାତ୍ର ୧୮ ମ୍ୟାଚରେ ୩୬ଟି ୱିକେଟ ଦଖଲ କରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ଟି-୨୦ ବିଶ୍ୱକପରେ ଉଭୟ ବ୍ୟାଟିଂ ଓ ବୋଲିଂରେ ଜଲୱା ଦେଖାଇଥିଲେ। ସେ ଫାଇନାଲରେ ଶେଷ ଓଭର ବୋଲିଂ କରି ଭାରତକୁ ବିଜୟ ଭେଟି ଦେଇଥିଲେ। ଆଇସିସିର ଟି-୨୦ ଟିମ: ରୋହିତ ଶର୍ମା (ଅଧିନାୟକ), ଟ୍ରାଭିସ ହେଡ, ଫିଲ ସଲ୍ଟ, ବାବର ଆଜମ, ନିକୋଲସ ପୂରନ (ୱିକେଟ କିପର), ସିକନ୍ଦର ରାଜା, ହାର୍ଦ୍ଦିକ ପାଣ୍ଡ୍ୟା, ରାଶିଦ ଖାନ, ୱାନିନ୍ଦୁ ହସରଙ୍ଗା, ଯଶପ୍ରୀତ ବୁମ୍ରା ଓ ଅର୍ଶଦୀପ ସିଂହ।

# ସଚିନଙ୍କ ପୁଅ ସହ ପାତରଅନ୍ତର

**ନୂଆଦିଲ୍ଲୀ,୨୫।୧(ଏଜେନ୍ସି):** ଜାନୁଆରୀ ୨୩ ତାରିଖରୁ ଦିମାପୁରର ନାଗାଲାଣ୍ଡ କ୍ରିକେଟ ଷ୍ଟାଡିୟମରେ ରଣଜୀ ଟ୍ରଫି ପ୍ଲେଟ ଲିଗର ଫାଇନାଲ ମ୍ୟାଚ ଖେଳାଯାଉଛି। ଏହି ଫାଇନାଲ ମ୍ୟାଚରେ ଗୋଆ ଏବଂ ନାଗାଲାଣ୍ଡ ଦଳ ମୁହାଁମୁହିଁ ହେବେ। ଉଭୟ ଦଳ ପରସ୍ପରକୁ କଡ଼ା ପ୍ରତିଯୋଗିତା ଦେଉଛନ୍ତି। କିନ୍ତୁ ଏହି ଫାଇନାଲ ମ୍ୟାଚରେ ଗୋଆର ପ୍ଲେଇଂ ୧୧କୁ ନେଇ ବହୁତ ଆଲୋଚନା ହେଉଛି। ଯେଉଁଥିରେ ଭଲ ପରିସଂଖ୍ୟାନ ଥିବା ସତ୍ତ୍ୱେ, ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ତେନ୍ଦୁଲକରଙ୍କୁ ଗୋଆର ପ୍ଲେଇଂ ୧୧ରୁ ବାଦ ଦିଆଯାଇଥିଲା।



ରଣଜୀ ଟ୍ରଫି ପ୍ଲେଟ ଲିଗର ଫାଇନାଲ ମ୍ୟାଚ ପୂର୍ବରୁ ଚାରୋଟି ମ୍ୟାଚ ଖେଳାଯାଇଥିଲା। ଏଥିରେ ଅର୍ଜୁନ ତେନ୍ଦୁଲକରଙ୍କୁ ପ୍ଲେଇଂ ୧୧ରେ ରଖାଯାଇଥିଲା। ସେ ଚମତ୍କାର ବୋଲିଂ ମଧ୍ୟ କରିଥିଲେ। ଏହି ୪ଟି ମ୍ୟାଚ୍ରେ ଅର୍ଜୁନ ୧୮.୧୮ ହାରରେ ୧୬ଟି ଉଇକେଟ ନେଇଥିଲେ। ତାଙ୍କର ବୋଲିଂ ଷ୍ଟ୍ରାଇକ ରେଟ ଥିଲା ୩୬। ଅର୍ଜୁନଙ୍କ ନାମ ରଣଜୀ ଟ୍ରଫି ପ୍ଲେଟ ଲିଗର ଶ୍ରେଷ୍ଠ ୧୦ ବୋଲରଙ୍କ ମଧ୍ୟରେ ସାମିଲ ଅଛି ଏବଂ ଏହି ଶ୍ରେଷ୍ଠ ୧୦ରେ ତାଙ୍କର ଦ୍ୱିତୀୟ ଶ୍ରେଷ୍ଠ ଷ୍ଟ୍ରାଇକ ରେଟ ଅଛି।

# ନୋମାନ ଅଲ୍ଲୀଙ୍କ ନୂଆ କୀର୍ତ୍ତିମାନ

**ନୂଆଦିଲ୍ଲୀ,୨୫।୧(ଏଜେନ୍ସି):** ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ନୋମାନ ନୂଆ କୀର୍ତ୍ତିମାନ ହାସଲ କରିଛନ୍ତି। ପାକିସ୍ତାନର ସ୍ପିନର ନୋମାନ ଅଲୀ ନିଜ ନାଁକୁ ଇତିହାସ ପୃଷ୍ଠାରେ ଲିପିବଦ୍ଧ କରିଛନ୍ତି। ସେ ପାକିସ୍ତାନର ପ୍ରଥମ ସ୍ପିନ ବୋଲର ଭାବେ ଟେଷ୍ଟ କ୍ରିକେଟରେ ହ୍ୟାଟ୍ରିକ ନେଇଛନ୍ତି। ପାକିସ୍ତାନ ୧୯୫୨ରୁ ଟେଷ୍ଟ କ୍ରିକେଟ ଖେଳି ଆସୁଥିଲେ ହେଁ ଆଜି ଯାଏ ଦେଶର କୌଣସି ସ୍ପିନର ଜାତୀୟ ଦଳ ପାଇଁ ହ୍ୟାଟ୍ରିକ ନେଇ ନଥିଲେ। କିନ୍ତୁ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ନୋମାନ ନୂଆ କୀର୍ତ୍ତିମାନ ହାସଲ କରିଛନ୍ତି। ସେ ୱେଷ୍ଟଇଣ୍ଡିଜ ଟିମର ଜଷ୍ଟିନ ଗ୍ରେଭେସ, ଟେଭିନ ଇମଲାଚ ଓ କେଭିନ ସିନକ୍ଲେୟରଙ୍କୁ କ୍ରମାଗତ ୩ଟି ବଲରେ ଆଉଟ କରି ଇତିହାସ ସୃଷ୍ଟି କରିଛନ୍ତି। ଏହାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ନୋମାନଙ୍କ ଘାତକ ବୋଲିଂ ଯୋଗୁ ୱେଷ୍ଟଇଣ୍ଡିଜ ୩୮ ରନରେ ୭ଟି ୱିକେଟ ହରାଇଥିଲା। ସେହିପରି ନୋମାନ ଇନିଂସର ୧୨ତମ ଓଭରରେ ହ୍ୟାଟ୍ରିକ ନେଇ ଇତିହାସ ରଚିବାକୁ ସକ୍ଷମ ହୋଇଛନ୍ତି। ଇଣ୍ଡିଜ ଟିମ ମଧ୍ୟ ପ୍ରଥମ ଇନିଂସରେ ୧୬୩ ରନରେ ଅଲଆଉଟ ହୋଇଯାଇଛି। ୧୯୫୨ରୁ ପାକିସ୍ତାନ ଟେଷ୍ଟ କ୍ରିକେଟ ଖେଳି ଚାଲିଛି। ସାକିଲନ ମୁସ୍ତାକ, ଦାନିସ କାନେରିଆ ଓ ଅବଦୁଲ କାଦିରଙ୍କ ଭଳି ଷ୍ଟାର ସ୍ପିନର ପାକିସ୍ତାନ ପାଇଁ ଖେଳିଛନ୍ତି। ହେଲେ ୩୮ ବର୍ଷୀୟ ନୋମାନଙ୍କ ଭଳି କେବେ ବି କୌଣସି ସ୍ପିନର ପାକିସ୍ତାନ ପାଇଁ ଟେଷ୍ଟ କ୍ରିକେଟରେ ହ୍ୟାଟ୍ରିକ ନେଇ ପାରି ନଥିଲେ। ପାକିସ୍ତାନର ୫ମ ବୋଲର ଭାବେ ନେଲେ ହ୍ୟାଟ୍ରିକ ନୋମାନ ଅଲୀ ପାକିସ୍ତାନର ୫ମ ବୋଲର ଭାବେ ଟେଷ୍ଟ କ୍ରିକେଟରେ ହ୍ୟାଟ୍ରିକ ନେଇଛନ୍ତି।

# କିଟ୍ ଓ କିସ୍ ପକ୍ଷରୁ ମିନି ମାରାଥନ : ଶାଢ଼ି ପିନ୍ଧି ଦୌଡ଼ିଲେ ୬ ହଜାର ମହିଳା

**ଭୁବନେଶ୍ୱର,୨୫।୧(ମହାଭାରତ):** କିଟ୍ ଓ କିସ୍ ପକ୍ଷରୁ ପ୍ରତିବର୍ଷ ଓଡ଼ିଶାର ସମସ୍ତ ଜିଲ୍ଲା ତଥା ଭାରତର ବିଭିନ୍ନ ସହରରେ 'ସମସ୍ତଙ୍କ ପାଇଁ ଶିକ୍ଷା' ଲକ୍ଷ୍ୟରେ ମିନି ମାରାଥନ ଆୟୋଜନ କରାଯାଇଥାଏ। ଚଳିତ ବର୍ଷ ଓଡ଼ିଶାର ୩୭ଟି ସ୍ଥାନ ଓ ଭାରତର ୬୫ରୁ ଊର୍ଦ୍ଧ୍ୱ ସ୍ଥାନରେ ଏହି ମିନି ମାରାଥନ ଆୟୋଜନ କରାଯାଇଥିଲା। ଏହାର ଏକ ଅଂଶ ବିଶେଷ ଭୁବନେଶ୍ୱରରେ ନିଆରା ଢଙ୍ଗରେ 'ପାଟାଥନ' ଆୟୋଜନ କରାଯାଇଥିଲା। ସକାଳ ୭ଟାରୁ ୮ଟା ପର୍ଯ୍ୟନ୍ତ ଚାଲିଥିବା ଏହି ପାଟାଥନର ଦ୍ୱିତୀୟ ସଂସ୍କରଣରେ ୬ ହଜାର ମହିଳା ପାଟ ଶାଢ଼ି ପିନ୍ଧି ଦୌଡ଼ିଥିଲେ। 'ମହିଳା ସଶକ୍ତିକରଣ' ଓ 'ସମସ୍ତଙ୍କ ପାଇଁ ଶିକ୍ଷା' ଉଦ୍ଦେଶ୍ୟରେ ପ୍ରତିବର୍ଷ ପାଟାଥନ ଆୟୋଜନ କରାଯାଉଛି। କିଟ୍, କିସ୍ ଓ କିମ୍ସର ୫ହଜାର ମହିଳା କର୍ମଚାରୀ ଓ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳାମାନେ ଏହି ଗଣଦୌଡ଼ରେ ସାମିଲ ହୋଇଥିଲେ। ଶିଖରଚଣ୍ଡୀ ମନ୍ଦିର ଛକରୁ କିସ୍ ଆଥଲେଟିକ୍ ଷ୍ଟାଡିୟମ ପର୍ଯ୍ୟନ୍ତ ମହିଳାମାନେ ଦୌଡ଼ିଥିଲେ।

ଏହି ଗଣଦୌଡ଼ରେ ରାଉରକେଲାର କିରଣ ମାହାତୋ ପ୍ରଥମ ପୁରସ୍କାର ୫୦ ହଜାର ଟଙ୍କା ଜିଣିଥିବା ବେଳେ ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଯଥାକ୍ରମେ କଟକର ତେଜସ୍ୱିନୀ କିସପଟ୍ଟା ଓ ସସ୍ମିତା ବେହେରା ୪୦ ହଜାର ଓ ୩୦ ହଜାର ଟଙ୍କା ପୁରସ୍କାର ଜିତିଥିଲେ। ସେହିପରି ୭ଜଣ ରନର୍ସଅପ୍ଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ସମସ୍ତ ବିଜୟୀଙ୍କୁ ପାଟଶାଢ଼ି ପ୍ରଦାନ କରାଯାଇଥିଲା। କିଟ କେ-୩ ମହିଳା କ୍ଲବ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢୀ, ବିଏମସି ମେୟର ସୁଲୋଚନା ଦାସ, କର୍ପୋରେଟର ପ୍ରତିନନ୍ଦା ରାଉତରାୟ, ଅଲିମ୍ପିଆନ୍ ଦୂତି ଚାନ୍ଦ, ଅନୁରାଧା ବିଶ୍ୱାଳ, ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇ ମାରାଥନରେ ଅଂଶଗ୍ରହଣ କରିଥିବା ମହିଳାମାନଙ୍କୁ ଉତ୍ସାହିତ ଓ ପୁରସ୍କାର ପ୍ରଦାନ କରିଥିଲେ। 'ସମସ୍ତଙ୍କ ପାଇଁ ଶିକ୍ଷା' ନେଇ ସାଧାରଣରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ପ୍ରୋତ୍ସାହନରେ ୨୦୧୬ ମସିହାରୁ ଏହା ଆୟୋଜିତ ହୋଇଆସୁଛି।


DADLS-93



ସମୃଦ୍ଧ ଓଡ଼ିଶା@୨୦୩୬
ବିକାଶର ନୂଆ ପରିଭାଷା



**ଓଡ଼ିଆ ଅସ୍ମିତା**
- ସଂସ୍କୃତି ଓ ଐତିହ୍ୟର ବିକାଶ ପାଇଁ ୨୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି
- ରାଜ୍ୟର ପଦ୍ମ ପୁରସ୍କାର ବିଜେତାମାନଙ୍କୁ ମାସିକ ୩୦,୦୦୦ ଟଙ୍କାର ସମ୍ମାନ ରାଶି ପ୍ରଦାନ
- ୧୦୦ ବର୍ଷ ପୁରାତନ ଐତିହ୍ୟ ବିଦ୍ୟାଳୟ ପାଇଁ ସ୍ୱତନ୍ତ୍ର ସହାୟତା

**ମହିଳା ସଶକ୍ତୀକରଣ**
- ୧,୭୯,୬୨୫ ଏସ୍.ଏଚ୍.ଜିକୁ ବ୍ୟାଙ୍କ ଲିଙ୍କେଜ୍ ମାଧ୍ୟମରେ ୮୫୮୧.୦୪ କୋଟି ଟଙ୍କା ପ୍ରଦାନ
- ୨୨୪୭୭ ଏସ୍.ଏଚ୍.ଜିକୁ ୧୭୯.୧୭ କୋଟି ଟଙ୍କାର ରିଭଲ୍‌ଭିଂ ଫଣ୍ଡ

**ବିଦ୍ୟାଳୟ ଶିକ୍ଷା**
- ଗୁଣାତ୍ମକ ଶିକ୍ଷା ବିକାଶ ପାଇଁ ପ୍ରତି ପଞ୍ଚାୟତରେ ଗୋଟିଏ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ
- ପି.ଏମ୍.-ଶ୍ରୀ ଯୋଜନାରେ ୪୫୦ ପ୍ରାଥମିକ ବିଦ୍ୟାଳୟକୁ ଆଦର୍ଶ କେନ୍ଦ୍ରରେ ରୂପାନ୍ତରଣ
- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ହଷ୍ଟେଲ ଅନ୍ତେବାସୀଙ୍କ ଦେୟ ୨୦୦୦ ଟଙ୍କା ଛାଡ଼, ୪୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା**
- ଡିଜିଟାଲ ସ୍କିଲିଂ ଅଭିଯାନରେ ୩୦ ହଜାରରୁ ଅଧିକ ପ୍ରଶିକ୍ଷାର୍ଥୀଙ୍କ ପାଇଁ ୬ ହଜାରରୁ ଅଧିକ ପାଠ୍ୟକ୍ରମର ପ୍ରଣୟନ
- ମୁଖ୍ୟମନ୍ତ୍ରୀ ଆକାଂକ୍ଷୀ ଯୋଜନାରେ ତିନିବର୍ଷ ପାଇଁ ୧୯୦ କୋଟି ଟଙ୍କାର ବ୍ୟବସ୍ଥା
- ୧୩୦ କୋଟି ଟଙ୍କା ବ୍ୟୟରେ ୨୨ଟି ଆଇଟିଆଇରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାର ପ୍ରସ୍ତାବ

**ସୁଭଦ୍ରା**
- ସୁଭଦ୍ରା ଯୋଜନାରେ ୫ ବର୍ଷ ନିମନ୍ତେ ୫୫ ହଜାର କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା, ଲାଭାନ୍ୱିତ ହେବେ ଏକ କୋଟିରୁ ଅଧିକ ମହିଳା
- ୮୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ଖାତାକୁ ଗଲାଣି ୪ ହଜାର କୋଟିରୁ ଅଧିକ ଟଙ୍କା



**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ**
- ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର
- ଓଡ଼ିଶାର ୧ କୋଟି ପରିବାରଙ୍କୁ ଦେଶବ୍ୟାପୀ ୨୭,୦୦୦ରୁ ଊର୍ଦ୍ଧ୍ୱ ହସ୍ପିଟାଲ୍‌ରେ ମିଳିବ ଉନ୍ନତ ସ୍ୱାସ୍ଥ୍ୟ ସେବା
- ମେଡ଼ିକାଲ କଲେଜ୍ ଓ ହସ୍ପିଟାଲ୍ ଉପକରଣ ପାଇଁ ୨୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ଗଠନ

**କୃଷି ଓ କୃଷକ ସଶକ୍ତୀକରଣ**
- ସମୃଦ୍ଧ କୃଷକ ଯୋଜନାରେ ଚାଷୀଙ୍କ ପାଇଁ ଧାନର ଏମ୍.ଏସ୍.ପି ଉପରେ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କାର ଅତିରିକ୍ତ ସହାୟତା
- ପି.ଏମ୍. କିଷାନ୍ ଓ ସି.ଏମ୍. କିଷାନ୍ ସମନ୍ୱିତ ପ୍ଲାଟ୍‌ଫର୍ମରେ ୪ ଲକ୍ଷରୁ ଅଧିକ ଚାଷୀ ଉପକୃତ
- ପାରମ୍ପରିକ କୃଷିର ପୁନରୁଦ୍ଧାର ପାଇଁ ଶ୍ରୀଅନ୍ନ ଅଭିଯାନରେ ୬୪୮.୬୧ କୋଟି ଟଙ୍କାର ବ୍ୟବସ୍ଥା

**ଗ୍ରାମ୍ୟ ଉନ୍ନୟନ**
- ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଅଭିଯାନରେ ଓଡ଼ିଶାର ୧୫୨୩ଟି ଗ୍ରାମ ସବୁଦିନିଆ ରାସ୍ତା ଦ୍ୱାରା ସଂଯୁକ୍ତ
- ନିର୍ମାଣାଧୀନ ୫୦୦ ନୂତନ ସେତୁ ମଧ୍ୟରୁ ୧୧୧ଟି ସେତୁର ନିର୍ମାଣ ସମ୍ପନ୍ନ
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ବାସଗୃହ ନିର୍ମିତ

**ଗୃହନିର୍ମାଣ ଓ ନଗର ଉନ୍ନୟନ**
- ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁର ପାଇଁ ୪୦୦ଟି ଇ-ବସ୍
- ୭୯୨ କୋଟି ଟଙ୍କାର ୧୩୬ଟି ଭିତ୍ତିଭୂମି ବିକାଶ ପ୍ରକଳ୍ପର ଶିଳାନ୍ୟାସ ଓ ୩୫୯ କୋଟି ଟଙ୍କା ବ୍ୟୟରେ ୩୩୫ଟି ସହରାଞ୍ଚଳ ବିକାଶ ପ୍ରକଳ୍ପ ଲୋକାର୍ପିତ
- ଅତ୍ୟାଧୁନିକ ଗମନାଗମନ ବ୍ୟବସ୍ଥା ପାଇଁ ଡବଲ ଡେକର୍ ବସ୍‌ସେବା ଓ 'ଓଡ଼ିଶା ଯାତ୍ରୀ ଆପ୍' ଲୋକାର୍ପିତ



**ଜନଅଭିଯୋଗ ଶୁଣାଣି**
ଜୁଲାଇ ୧ ରୁ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୭୨,୦୦୦ ଅଭିଯୋଗର ଶୁଣାଣି ଓ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ



**ପର୍ଯ୍ୟଟନ**
- ପୂର୍ବ ଭାରତରେ ଦୁଃସାହସିକ କ୍ରୀଡ଼ା ପାଇଁ ଓଡ଼ିଶା ହେବ ପ୍ରମୁଖ ହବ୍
- ହୀରାକୁଦ ଓ ସାତକୋଶିଆ ପର୍ଯ୍ୟଟନ କ୍ଷେତ୍ର ବିକାଶ ପାଇଁ ୨୦୦ କୋଟି ଟଙ୍କା
- ବେଳାଭୂମି, ବୌଦ୍ଧପୀଠ, ବନ୍ୟପ୍ରାଣୀ ତଥା ରିଭର୍‌ଫ୍ରଣ୍ଟ ପ୍ରକଳ୍ପକୁ ଅଗ୍ରାଧିକାର

**ଶିଳ୍ପ ଓ ଏମ୍.ଏସ୍.ଏମ୍.ଇ**
- ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଐତିହାସିକ ଓଡ଼ିଶା ଗସ୍ତ, ରିନ୍ୟୁଏବଲ୍ ଏନର୍ଜି, ଗ୍ରୀନ୍ ହାଇଡ୍ରୋଜେନ୍, ଫିନ୍‌ଟେକ୍ ସର୍ଭିସ ଓ ଦକ୍ଷତା ବିକାଶ କ୍ଷେତ୍ରରେ ବ୍ୟାପକ ସହଯୋଗ ପାଇଁ ୮ଟି ଏମ୍.ଓ.ୟୁ ସ୍ୱାକ୍ଷର
- ୧,୯୦,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ନିବେଶରେ ୧୦୪ଟି ପ୍ରକଳ୍ପ ଓ ୧ ଲକ୍ଷ ୪୦ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସମ୍ଭାବନା ସୃଷ୍ଟି

**ନିଯୁକ୍ତି, ସୁଯୋଗ ଓ ଜୀବିକା ଅଭିବୃଦ୍ଧି**
- ୫ ବର୍ଷରେ ହେବ ୧.୫ ଲକ୍ଷ ସରକାରୀ ନିଯୁକ୍ତି
- ଅଦ୍ୟାବଧି ୧୮,୦୦୦ରୁ ଊର୍ଦ୍ଧ୍ୱ ନିଯୁକ୍ତି ପ୍ରଦାନ
- ୨୦୨୭ ସୁଦ୍ଧା ୨.୫ ଲକ୍ଷ ମହିଳା ହେବେ ଲକ୍ଷପତି ଦିଦି

**ଜନଜାତି ବିକାଶ**
- ଅନୁସୂଚିତ ଜନଜାତି ବର୍ଗର ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ପାଇଁ ମାଧୋ ସିଂହ ହାତଖର୍ଚ୍ଚ ଯୋଜନାରେ ୫୦୦୦ ଟଙ୍କାର ପ୍ରୋତ୍ସାହନ ରାଶି
- ଭୁବନେଶ୍ୱରଠାରେ ଜନଜାତି ଐତିହ୍ୟ ଭବନ ଓ ଭାଷା ପ୍ରତିଷ୍ଠାନ ନିର୍ମାଣ ପାଇଁ ୧୫୦ କୋଟି ଟଙ୍କା

OIPR : 15001/13/0389/2425

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର



Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ